## ସଂକ୍ଷେପରେ

### ପାଣି ପଞ୍ଚାୟତ ପକ୍ଷ ପାଳନ

ବୋଡ଼େନ,୨୨।୧୨(ଟିକେଶରା ନାଗ)

ନୂଆପଡ଼ା ଜିଲା ବୋଡେନ ବ୍ଲକ ନାଗପଡା ପଞ୍ଚାୟତ ବୋଲଦା ଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ଉଠାଜଳସେଚନ ବିଭାଗ ନୂଆପଡାଙ୍କ ପକ୍ଷରୁ ନିର୍ବାହୀଯନ୍ତ୍ରୀଙ୍କ ସମେତ ସହକାରୀ ଯାନ୍ତ୍ରୀ ମାନସ ବୁଢା ଓ ସାକ୍ଷୀ ଜୈନ ପ୍ରମୁଖ ଯୋଗଦେଇ ପାଣି ପଞ୍ଚାୟତ ପ୍ରସଙ୍ଗରେ ଚାଷୀମାନଙ୍କୁ ଅବଗତ କରିଥିଲେ। ଏଥିରେ ସହକାରୀ ଯନ୍ତ୍ରୀ ପ୍ରତାପ କୁମାର ପଟ୍ଟନାୟକ, ମୁଖ୍ୟ କିରାଣି ରବିନ୍ଦ୍ର ସାହୁ, କନିଷ୍ଠ ଯନ୍ତ୍ରୀ ବିଦ୍ୟାଧର ପ୍ରଧାନ, ମାଧବ ଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ନିଃଶୁଳ୍କ ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର

କୋମନା,୨୨।୧୨(ସୋବିନ ଛତ୍ରିଆ)

ନୂଆପଡ଼ା ଜିଲା କୋମନା ବ୍ଲକ ସଦର କଲ୍ୟାଣ ମଣ୍ଡପରେ ନିଶୁଳ୍କ ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। କୋମନା ସରପଞ୍ଚ ମୃତ୍ୟୁଞ୍ଜୟ ପାଣିଗ୍ରାହୀ ଏହାକୁ ଉଦ୍‌ଘାଟନ କରିଥିଲେ। କୈଳାଶ ଭଗବତୀ ଫାଉଣ୍ଡେଶନ ଆନୁକୂଲ୍ୟରେ ଆୟୋଜିତ ଶିବିରରେ ଶିଶୁରୋଗ, ଶଲ୍ୟ ଚିକିତ୍ସକ, ଭେଷଜ, କର୍ଣ୍ଣ, ନାସା, ଗଳା, ଦନ୍ତ ରୋଗ, ଚକ୍ଷୁ ଆଦି ବିଭାଗର ଡାକ୍ତର ଯୋଗ ଦେଇଥିଲେ। ଏଥିରେ ଆଖ ପାଖ ଅଞ୍ଚଳରୁ ଆସିଥିବା ୭୧୫ ଜଣ ରୋଗୀଙ୍କ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଓ ଚକ୍ଷୁ ପରୀକ୍ଷା କରାଯାଇଥିଲା। ୩୮ ଜଣ ମୋତିଆବିନ୍ଦୁ ରୋଗୀ ଚିହ୍ନଟ କରାଯାଇ ଚିକିତ୍ସା ପାଇଁ ବରଗଡ ଲାଇଅଂଶ ଡାକ୍ତରଖାନା ପଠାଯାଇଥିବା ଟ୍ରଷ୍ଟ ଅଧକ୍ଷ ପ୍ରତ୍ୟୁଷ ରଞ୍ଜନ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଶିବିରରେ ସରୋଜ ଦାସ, ନନ୍ଦିଘୋଷ ଖମାରିଙ୍କ ସମେତ ଭାଜପା ମଣ୍ଡଳ ସଭାପତି ଚନ୍ଦନ ଠାକୁର, ଅନୁକୂଳ ପାଣିଗ୍ରାହୀ, ଅଶ୍ୱିନୀ ହୋତା ପ୍ରମୁଖ ଯୋଗ ଦେଇଥିଲେ।

### ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

ଖଡ଼ିଆଳ,୨୨।୧୨
(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ କ୍ଷୁଦ୍ର ଜଳସେଚନ ବିଭାଜନ ପକ୍ଷରୁ ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ କରଯାଇଛି। ମୁଖ୍ୟଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ଭାବେ ଖଡ଼ିଆଳ ଏନ୍‌ଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା, ଜିଲା କୃଷି ଅଧିକାରୀ ପ୍ରଦୀପ କୁମାର ଦେଉରିଆ, ଖଡିଆଳ କ୍ଷୁଦ୍ର ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ସରୋଜ ସା, ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟନାରାୟଣ ଅଗ୍ରୱାଲ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ଟୁଡୁ ପ୍ରମୁଖ ମଞ୍ଚାସୀନ ଥିଲେ। ୪୦ ପ୍ରକଳ୍ପର ପାଣି ପଞ୍ଚାୟତ କମିଟି ଚାଷୀମାନେ ଯୋଗ ଦେଇଥିଲେ। ଜଳ ଆବଣ୍ଟନ, ଡ୍ୟାମ୍ ଓ କେନାଲର ରକ୍ଷଣାବେକ୍ଷଣ ସହ ଚାଷୀଙ୍କ ଜମିକୁ କେମିତି ଠିକ୍ ଭାବେ ପାଣି ପହଞ୍ଚିବ ସେ ନେଇ ଆଲୋଚନା ହୋଇଥିଲା।

### ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ

ଥୁଆମୂଳ ରାମପୁର,୨୨।୧୨(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୭ମ ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ସୀତାକାନ୍ତ ରଣାଙ୍କ ସଭାପତିତ୍ୱରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରି ମୁଖ୍ୟ ଅତିଥି, ମା’ ମାଣିକେଶ୍ୱରୀ ପଞ୍ଚାୟତ ସମିତି ମହାବିଦ୍ୟାଳୟ ଅଧକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା ମୁଖ୍ୟବକ୍ତା ଓ ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କ ଭବାନୀପାଟଣା ଶାଖା ପରିଚାଳକ ଚନ୍ଦ୍ରଧ୍ୱଜ ମଙ୍ଗରାଜ, ବ୍ଲକ ଉପାଧକ୍ଷ ଜୟନ୍ତୀ ମାଝୀ, ଏଇଇ ସାଲକୋ ହେମ୍ବ୍ରମ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନାରାମ ସରେନ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସଙ୍ଗୀତ ଧୁରୁଆ, ଲିପିଶ୍ରୀ ବାରିକ ଓ ଶିକ୍ଷକ ଟିପୁନ ମହାଳିକ ପରିଚାଳନା କରିଥିଲେ। ଚଳିତବର୍ଷ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ଭଲ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଖେଳ ଶିକ୍ଷକ ଅନିରୁଦ୍ଧ ମୁଦୁଲି ଓ କଳା ଶିକ୍ଷକ ପରମେଶ୍ୱର ସାମଲଙ୍କ ମାର୍ଗଦର୍ଶନରେ ଛାତ୍ରୀଛାତ୍ର ଓଡ଼ିଶୀ, ସମ୍ବଲପୁରୀ ଆଦି ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ବିଜ୍ଞାନ ଶିକ୍ଷକ କ୍ଷୀରସିନ୍ଧୁ ଲୁହାର ଧନ୍ୟବାଦ ଦେଇଥିଲେ।

# ଅଭିନେତାଙ୍କୁ ଉତ୍ସାହିତ କଲା କରତାଳି

## ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥ ସ୍ମାରକୀ ଜାତୀୟ ନାଟକ ମହୋତ୍ସବ ଉଦ୍‌ଘାଟିତ

ଭବାନୀପାଟଣା, ୨୨।୧୨
(ଉତ୍ତମ କୁମାର ଦାଶ)



ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥିଗଣ।

‘ସ୍ମାରକୀ ନାଟ୍ୟ ସଂସ୍ଥା’ ତରଫରୁ ଭବାନୀପାଟଣା ଟାଉନ ହଲଠାରେ ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥ ସ୍ମାରକୀ ଜାତୀୟ ନାଟକ ମହୋତ୍ସବ ରବିବାର ଉଦ୍‌ଘାଟିତ ହୋଇଯାଇଛି। ସଂସ୍ଥାର ସଭାପତି ପ୍ରବୋଧ ରଥଙ୍କ ଅଧକ୍ଷତାରେ ଅତିଥି ଭାବେ ବରିଷ୍ଠ ଖବରଦାତା ତଥା ଗବେଷକ ଉମା ଶଙ୍କର କର, ସାରଳା ପୁରସ୍କାରପ୍ରାପ୍ତ ତଥା ସଂସ୍କୃତିବିତ୍ ଜୟନ୍ତ ବେହେରା, ନାଟ୍ୟକାର ଉମେଶ ଚନ୍ଦ୍ର ଶତପଥୀ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥଙ୍କ ପ୍ରତିମୂର୍ତ୍ତିଠାରେ ପୁଷ୍ପମାଲ୍ୟ ଦେଇ ମହୋତ୍ସବର ଶୁଭାରମ୍ଭ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ପରିବେଷିତ ହୋଇଥିଲା ନାଟକ ଅର୍ଦ୍ଧବାକ୍ୟ। ଏହାର ନିର୍ଦ୍ଦେଶନା ଦେଇଥିଲେ ତଥାଗତ ମିଶ୍ର। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ମଞ୍ଚସ୍ଥ ହୋଇଥିଲା ନାଟକ ‘ଜୟଯାତ୍ରା’। ଏହି ନାଟକକୁ ବରିଷ୍ଠ ନାଟ୍ୟକାର ମନୋଜ ରଥ ରଚନା କରିଥିବାବେଳେ ଯୁବ ନିର୍ଦ୍ଦେଶକ ସୌରଭ ମହାପାତ୍ର ନିର୍ଦ୍ଦେଶନା ଦେଇଥିଲେ। ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ସୁବାସ ପଟ୍ଟନାୟକ। ଉଭୟ ନାଟକ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଟାଉନହଲରେ ଦର୍ଶକଙ୍କ କରତାଳି ଅଭିନେତାଙ୍କୁ ଆହୁରି ଉତ୍ସାହିତ କରିଥିଲା। ବିରଞ୍ଚି ନାରାୟଣ ମୁଣ୍ଡ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଶୁଭେନ୍ଦୁ ମହାପାତ୍ର, ଧ୍ୟାନାନନ୍ଦ ପଣ୍ଡା, ଦେବୀ ପ୍ରସାଦ ରଥ, ରାଜେଶ ଦାଶ, ସୌରଭ ମହାପାତ୍ର, ଆଶୁତୋଷ ପୁରୋହିତ, ଆଲୋକ କୁମାର ସାହୁ, ପୁଷ୍ପାଞ୍ଜଳି ଦୀପ, ଲିପ୍ସା ମହାରଣା, ପ୍ରଜ୍ଞା ପରିମିତା ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଅଧିକାଂଶ ସମୟ ବନ୍ଦରହୁଛି ପ୍ରାଣୀ ଚିକିତ୍ସାଳୟ

ଥୁଆମୂଳ ରାମପୁର,୨୨।୧୨(ଦୁର୍ଗା କୀର୍ତ୍ତି)




ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ତାଲା ପଡ଼ିଛି।

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକରେ ପ୍ରାଣୀ ଚିକିତ୍ସା କେନ୍ଦ୍ର ଅଧିକାଂଶ ସମୟ ବନ୍ଦ ରହୁଥିବା ଦେଖିବାକୁ ମିଳିଛି। ପ୍ରାଣୀଧନ ଚିକିତ୍ସକ ନିଯୁକ୍ତ ହୋଇଥିବା ସତ୍ତ୍ୱେ ରାତ୍ର ଜଗୁଆଳି ଓ ଆଟେଣ୍ଡାଣ୍ଟଙ୍କ ଭରସାରେ ଚାଲିଛି ପ୍ରାଣୀ ଚିକିତ୍ସାଳୟ। ଫଳରେ ପ୍ରାଣୀଧନ ଚିକିତ୍ସାରେ ସମ୍ପୂର୍ଣ୍ଣ ଅବହେଳା ପ୍ରଦର୍ଶନ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ବିନା ସରକାରୀ ଛୁଟିରେ ମଧ୍ୟ ଏହି କେନ୍ଦ୍ର ଠିକ୍ ସମୟରେ ଖୋଲୁ ନ ଥିବା ଅଭିଯୋଗ ସାମ୍ନାକୁ ଆସିଛି। ଏହି ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ ଅଧୀନରେ ବ୍ଲକର କର୍ଲାପାଟ, କେରପାଇ, ଗୁଣପୁର, ଗୋପାଳପୁର, ବଡଛତ୍ରଙ୍ଗ, ମହୁଲପାଟଣା, ଡୁମେରପଦର ଏବଂ ଅଡ୍ରିଠାରେ ପ୍ରାଣୀଧନ ନିରୀକ୍ଷକ କେନ୍ଦ୍ର ରହିଛି। ମହୁଲପାଟଣା ଓ କେରପାଇସ୍ଥିତ ପ୍ରାଣୀଧନ ନିରୀକ୍ଷକ କେନ୍ଦ୍ର ମାସ ମାସ ଧରି ବନ୍ଦ ରହୁଥିବା ବେଳେ ଥୁଆମୂଳ ରାମପୁର ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟରେ ମଧ୍ୟ ସମାନ ଚିତ୍ର ଦେଖିବାକୁ ମିଳୁଛି। ଏଥିପାଇଁ ଗୃହପାଳିତ ପଶୁପକ୍ଷୀଙ୍କ ଚିକିତ୍ସା କରି ନ ପାରି ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ବ୍ଲକ ଭେଟେରିନାରି ଅଧିକାରୀ ଛବିଳ ମାଝିଙ୍କୁ ପଚାରିବାରୁ କାର୍ଯ୍ୟାଳୟରେ ଆମର ଜଗୁଆଳି ଓ ଆଟେଣ୍ଡାଣ୍ଟ ଅଛନ୍ତି, କାର୍ଯ୍ୟାଳୟ ମଧ୍ୟ ଠିକ୍ ସମୟରେ ଖୋଲାଯାଉଛି। ସରକାରୀ ଛୁଟି ନ ରହି କାର୍ଯ୍ୟାଳୟରେ ତାଲା ପଡ଼ିବା ସମ୍ପର୍କରେ କୌଣସି କାମରେ କୁଆଡେ ଯାଇଥିବେ, ଏବେ କହି ଦେଉଛି ସେମାନେ ଅଫିସ ଖୋଲିବେ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଥିଲେ।

# ଖଡ଼ିଆଳ ମହୋତ୍ସବ ପାଳନ ପାଇଁ ଶୁଭସ୍ତମ୍ଭ ସ୍ଥାପନ



ଶୁଭସ୍ତମ୍ଭ ସ୍ଥାପନ ପାଇଁ ପୂଜାର୍ଚ୍ଚନା କରାଯାଉଛି।

ଖଡ଼ିଆଳ,୨୨।୧୨ (ସୁଜିତ କୁମାର ପ୍ରଧାନ)

ଖଡ଼ିଆଳ ଗଡ଼ଜାତ ଅଞ୍ଚଳର ଲୋକକଳା, ଲୋକସାହିତ୍ୟ, ଲୋକସଂସ୍କୃତି ଉଜ୍ଜୀବିତ ରଖିବା ପାଇଁ ଆସନ୍ତା ୩ ଫେବୃଆରୀରୁ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି ଖଡ଼ିଆଳ ମହୋତ୍ସବ। ମହୋତ୍ସବ ପାଳନ ନେଇ ପ୍ରସ୍ତୁତି ଜୋରସୋରରେ ଚାଲିଥିବା ବେଳେ ପ୍ରାଥମିକ ପର୍ଯ୍ୟାୟ ସ୍ୱରୂପ ରବିବାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ସ୍ଥାନୀୟ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆଠାରେ ପୁରୋହିତ ସୁଦର୍ଶନ ଠାକୁରଙ୍କ ମନ୍ତ୍ରପାଠ ଓ ଆୟୋଜକ କମିଟି ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକଙ୍କ ପୌରୋହିତ୍ୟରେ ପରମ୍ପରା ଅନୁସାରେ ପୂଜାର୍ଚ୍ଚନା ପରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ଏହି ସମୟରେ ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ, ପୂର୍ବତନ ସଭାପତି ନିମାଇଁ ଚରଣ ତାଣ୍ଡି, ସମ୍ପାଦକ ସୁନୀଲ କୁମାର ସାହୁ, କୋଷାଧକ୍ଷ ଛବି ସାଗର, ଗଙ୍ଗାଧର ମହାଉତି, ଭୋଦେବ ସାହୁ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ମା’ କଛାରଗୋଷିଆଣି କ୍ରିକେଟ: ପୂଜରିଗୁଡ଼ା ଚାମ୍ପିୟନ

ବେହେରା,୨୨।୧୨(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ତେଣ୍ଡପାଲି ଗ୍ରାମରେ ମା’ କଛାର ଗୋଷିଆଣି କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ପୂଜାରୀଗୁଡ଼ା ଓ ସର୍ଗିଗୁଡ଼ା ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ପୂଜାରୀଗୁଡ଼ା ଦଳ ପ୍ରଥମେ ବ୍ୟାଟିଂ କରି ୧୩ ଓଭରରେ ୭ ଉଇକେଟ ବିନିମୟରେ ୧୭୧ ରନ ସଂଗ୍ରହ କରିଥିଲା। ସର୍ଗିଗୁଡ଼ା ଦଳ ୧୦ ଓଭରରେ ୯୨ ରନକରି ସମସ୍ତ ଉକେଟ ହରାଇଥିଲା। ପୂଜାରୀଗୁଡ଼ା ବିଜୟୀ ହୋଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ତେଣ୍ଡାପାଳି ସରପଞ୍ଚ ଗୌଲୋଚନ ଗୋପାଳ ମୁଖ୍ୟ ଅତିଥି ଓ ଅଶୋକ ବାଗ, ତେଣ୍ଡାପାଳି ଗ୍ରା.ପ. ପିଇଓ ଲଳିତ ନାଏକ, ସନ୍ତୋଷ ନାଏକ, ଚନ୍ଦନ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମଦନ ନାଏକ ଓ ଲକ୍ଷ୍ମି ବିଶି ଖେଳ ଖେଳ ପରିଚାଳନା କରିଥିଲେ। ନରେନ୍ଦ୍ର ବିଶି, ସୀତାରାମ ବିଶି, ଦେବଦତ୍ତ ରାଉତ, ସରୋଜ ମାଝୀ, ଦୁଷ୍ମନ୍ତ ବିଶି ପ୍ରମୁଖ ସହଯୋଗ କରିଥିଲେ।

# ୩.୧୩ କେଜି ବଜ୍ରକାପ୍ତା କାତି ଜବତ, ୪ ଗିରଫ



ଗିରଫ ଅଭିଯୁକ୍ତଙ୍କ ସହ ବନ ବିଭାଗ ଟିମ୍।

ନୂଆପଡ଼ା/ଖଡିଆଳ,୨୨।୧୨
(ମକାରୁ ବେମାଲ/ସୁଜିତ ପ୍ରଧାନ)

ନୂଆପଡ଼ା ଜିଲା କୋମନା ରେଞ୍ଜ ନାଗପଡ଼ା ପଞ୍ଚାୟତ ଝରଣାମାଳ ଗାଁରେ ଖଡ଼ିଆଳ ବନ ବିଭାଗ ଚଢାଉ କରି ୩ କିଲୋଗ୍ରାମ ୧୩ ଗ୍ରାମ ବଜ୍ରକାପ୍ତା କାତି ଜବତ କରିଛି। ଏଥିରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବୋଡେନ ଥାନା ଝରଣାମାଳ ଗାଁର ଚତୁର୍ଭୁଜ କଟା(୭୧) ଓ ନରହରି ଗହୀର (୭୦), ସିନାପାଲି ଥାନା ଗୋବିନ୍ଦପୁର ଗାଁର କୁମୁଦ ହଂସ(୩୮) ଓ ସନ୍ତୋଷ ହଂସ(୨୮)। ସୂଚନାକ୍ରମେ ଗତ ମାସେ ତଳେ ବୋଡେନ ଥାନା ନାଗପଡ଼ା ପଞ୍ଚାୟତ ଝରଣାମାଳ ଗାଁ ନିକଟ ବାଜିନୀ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ଏକାଧିକ ବ୍ରଜକାପ୍ତାକୁ ଚତୁର୍ଭୁଜ ଓ ନରହରି ଶିକାର କରିଥିଲେ। ପରେ ସେମାନେ ବଜ୍ରକାପ୍ତା କାତି ବାହାର କରି ଗଚ୍ଛିତ ରଖିବା ସହ ବିକ୍ରି ପାଇଁ ଗ୍ରାହକ ଖୋଜୁଥିଲେ। ଗତ ୧୮ ତାରିଖରେ ଏହି କାତି କିଣିବାକୁ ଗୋବିନ୍ଦପୁର ଗାଁର ବ୍ୟବସାୟୀ କୁମୁଦ ଓ ସନ୍ତୋଷ ଝରଣାମାଳ ଗାଁକୁ ଯାଇଥିଲେ। ଏହି ଖବର ପାଇ ଖଡ଼ିଆଳ ଡିଏଫ୍‌ଓ ଆଜିଜ ଖାନ୍‌ଙ୍କ ନିର୍ଦ୍ଦେଶ କ୍ରମେ ବନ ବିଭାଗ ଟିମ୍ ଝରଣାମାଳ ଗାଁରେ ଚଢାଉ କରିଥିଲା। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିବା ବନ ବିଭାଗ ସୂତ୍ରରୁ ସୂଚନା ମିଳିଛି।

# ଆଦିବାସୀଙ୍କ ଗୁଡ଼ିଚଗା ପର୍ବ ସମ୍ପନ୍ନ

କଳମପୁର, ୨୨।୧୨(ଗଣେଶରାମ ବାଗ)

ଆଦିବାସୀମାନେ ଆଦିମ କାଳରୁ ମାଟି ମା’ଙ୍କୁ ଧରଣୀ ଦେବୀ ଭାବେ ପୂଜାର୍ଚ୍ଚନା କରିଆସୁଛନ୍ତି। ଧରଣୀ ଦେବୀଙ୍କ ଏକ ଅନନ୍ୟ ପାରମ୍ପରିକ ପର୍ବ ‘ଟୋକିପର୍ବ’। ଏହି ପର୍ବର ଅନ୍ୟ ଏକ ଉପପର୍ବ ‘ଗୁଡିଚଗା’ ରବିବାର କଳାହାଣ୍ଡି ଜିଲା କଳମପୁର ବ୍ଲକ ପୋଟେସ ଓ ହାରାମାଳ ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣ କେନ୍ଦୁଗୁଡ଼ାଠାରେ ପାଳିତ ହେଇଯାଇଛି। ପୋଟେସ ଗ୍ରାମରେ ଅନୁଷ୍ଠିତ ପର୍ବରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷି, ବିଜୟ ପଣ୍ଡା, ମନୋଜ ଶର୍ମା, ସୁଶୀଲ ଜୈନ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ପୋଟେସ ଗ୍ରାମରେ ଗାଁ ଗୁଣ୍ଡିଆ ଚନ୍ଦ୍ର ମାଝୀ, ଗୁର୍ମେ ବାଲସିଂ ମାଝୀ, ସଭାପତି ଅଭିମନ୍ୟୁ ବାଗ, ସମ୍ପାଦକ ଶରତ ସୁନାନୀ ଏବଂ ବ୍ରାହ୍ମଣ କେନ୍ଦୁଗୁଡ଼ାଠାରେ ସରପଞ୍ଚ ସୁଶୀଳା ଦୁର୍ଗା, ସଭାପତି ଲଳିତ ମୋହନ ଠାକୁର, ସମ୍ପାଦକ ସୌମ୍ୟ ରଞ୍ଜନ ଠାକୁର ସହଯୋଗ କରୁଛନ୍ତି। ଗୁଡିଚଗା ପର୍ବ ପାଇଁ ପଡୋଶୀ ଗ୍ରାମକୁ ନିମନ୍ତ୍ରଣ କରାଯାଇଥାଏ। ନିମନ୍ତ୍ରଣ ରକ୍ଷାକରି ସମସ୍ତେ ସାଧ ମୁତାବକ ବରଣୀ ନେଇ ପହଞ୍ଚିଥାନ୍ତି। ସେମାନଙ୍କୁ ମହିଳାମାନେ ବନ୍ଦାପନା କରି ପାଛୋଟି ନେଇଥାନ୍ତି। ଏହାପରେ ଯୁବକମାନେ ଏକ ଖଟିଆରେ ଅତିଥିଙ୍କୁ ବୋହି ଗୁଡି ପରିକ୍ରମା କରିଥାନ୍ତି। ଗୁଡି ଭିତରେ ବସି ଭାବର ଆଦାନ ପ୍ରଦାନ ସହ ବିଭିନ୍ନ ଉପଚାରରେ ହେଉଥିବା ପୂଜାରେ ସାମିଲ ହେଇଥାନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

ଖଡ଼ିଆଳ,୨୨।୧୨
(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୩୪ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବଳଭଦ୍ର ମହାଉତି ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବେ ରୁଦ୍ର ମାଧବ ବାରିକ ଯୋଗଦେଇଥିଲେ। ପରିଚାଳନା ସମିତି ସଭାପତି ଦିଲୀପ ତ୍ରିବେଦି ଅଧକ୍ଷତା କରିଥିବା ବେଳେ ସମ୍ପାଦକ ବିନୋଦ ବିହାରୀ ପାଢ଼ୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରଧାନ ଗୁରୁଜୀ ସନାତନ ମିଶ୍ର ବାର୍ଷିକ ବିବରଣୀ ପାଠ ଓ ଉପସଭାପତି ନରେନ୍ଦ୍ର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର କୁନି କୁନି କଳାକାର ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। କ୍ରୀଡ଼ା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା ସମିତି ଯୁଗ୍ମ ସମ୍ପାଦକ ମଦନ ମୋହନ ପୋଢ଼, ସଦସ୍ୟା ପ୍ରତିମା ବାଗ ଓ ଜ୍ୟୋତିର୍ମୟୀ ତାଣ୍ଡି ସହଯୋଗ କରିଥିଲେ।

# ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଚିତ୍ରକଳା ପ୍ରଦର୍ଶନୀକୁ ଅତିଥିଗଣ ଉଦ୍‌ଘାଟନ କରୁଛନ୍ତି।

ଭବାନୀପାଟଣା,୨୨।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ବୋର୍ଡାସ୍ଥିତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟର ୬୨ତମ ବାର୍ଷିକ ଉତ୍ସବ ‘ଉଦ୍ୟମ’ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ନିଶଙ୍କଙ୍କ ସଭାପତିତ୍ୱରେ ଆୟୋଜିତ ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ମୁଖ୍ୟବକ୍ତା ଭାବେ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ସବିତା ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ହୃଦାନନ୍ଦ ସାହୁ ଓ ସରପଞ୍ଚ ରୀନା ରାଣୀ ଜାଲ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ବିରଞ୍ଚି ବାଗ ଅତିଥି ପରିଚୟ ଓ ଶିକ୍ଷକ ନିରାକାର ଗହୀର ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ମାଟ୍ରିକ ଟପ୍ପର ଦୁଃଶିଳା ମହାନନ୍ଦ ଓ ଦିନେଶ କୁମାର ପୁଟେଲଙ୍କୁ ହରିହର ରଥ ସ୍ମାରକୀ ସ୍ମୃତି ପୁରସ୍କାର, ରାଜ୍ୟସ୍ତରୀୟ କ୍ରୀଡ଼ାରେ ଭାଗ ନେଇଥିବା ରୋହନ ପାୟସିଂ ଓ ରାଜେଶ ଜାନୀ ତଥା ଅନ୍ୟ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥଲା। ଚଳିତମାସ ଶେଷରେ ଅବସର ନେବାକୁ ଥିବା ଜିଲା ଶିକ୍ଷା ଅଧିକାରୀ ଚୋପଦାରଙ୍କୁ ମନ୍ତ୍ରୀ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଅଭିଭାବକ ସମ୍ମିଳନୀ



ମଞ୍ଚାସୀନ ଅତିଥିବୃନ୍ଦ।

କର୍ଲାମୁଣ୍ଡା,୨୨।୧୨ (ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା ମ ରାମପୁର କଡେଲସ୍ଥିତ ଜୟଜଗନ୍ନାଥ ଆଶ୍ରମ ମାଉସୀ ମା’ ମନ୍ଦିର ପରିସରରେ ନବଜ୍ୟୋତି ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶିଶୁପାଳଗଡ ଭୁବନେଶ୍ୱର ପକ୍ଷରୁ ବାର୍ଷିକ ଅଭିଭାବକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପରିଚାଳନା ସମିତି ଅଧକ୍ଷ ଶାନ୍ତନୁ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମାନେଜିଂ ଟ୍ରଷ୍ଟି ଭାସ୍କର ଚନ୍ଦ୍ର ପଧାନ, ବିଦ୍ୟାଳୟ ଅଧକ୍ଷ ଆଶିଷ କୁମାର ସାହୁ, ଗଣିତ ଅଧାପକ ମହେଶ୍ୱର ମହଲା, ଇଂରାଜୀ ଅଧାପକ ସୁଦୀପ୍ତ କୁମାର ଦାଶ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ କର୍ଲାମୁଣ୍ଡା ସରସୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଶାନ୍ତନୁ କୁମାର ମିଶ୍ର ସଂଯୋଜନା କରିଥିବା ବେଳେ ଛାତ୍ରୀଛାତ୍ରଙ୍କ ମାନସିକ, ବୌଦ୍ଧିକ ବିକାଶ, ଅଭିଭାବକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଆଲୋଚନା ହୋଇଥିଲେ। ଏହି ଅବସରରେ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ସର୍ବୋଚ୍ଚ ରଖିଥିବା ପୁଷ୍ପାଞ୍ଜଳି ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଜିଲାର ବିଭିନ୍ନ ଅଞ୍ଚଳରୁ ଯୋଗଦେଇଥିବା ଅଭିଭାବକମାନେ ବିଭିନ୍ନ ଗଠନମୂଳକ ପ୍ରସ୍ତାବ ଦେଇଥିଲେ। ଶେଷରେ ଅଜିତ କୁମାର ବରୁଆଁ ଧନ୍ୟବାଦ ଅର୍ପଣ କରିଥିଲେ।

# ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଜାତୀୟ ଗଣିତ ଦିବସ

ଭବାନୀପାଟଣା,୨୨।୧୨(ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଗଣିତ ବିଭାଗ ପକ୍ଷରୁ ରବିବାର ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ବିପିନ ବିହାରୀ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାମାନୁଜଙ୍କ ଜୀବନୀ ଓ ଗଣିତର ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ନିବେଦିତା ନାଥ ଗଣିତ ପ୍ରତିଯୋଗିତା ସହିତ ରିସର୍ଚ୍ଚ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଗଣିତ ବିଭାଗ ଅଧାପକ ପ୍ରଦୀପ ପ୍ରଧାନ, ଇତିଶ୍ରୀ ରାଉତ, ସ୍ମିତାରାଣୀ ପଣ୍ଡା, ରାକେଶ ଦାସ, ସୁନନ୍ଦା ପତ୍ର, ରିତୁ ବିଶ୍ୱାଳ ଏବଂ ମ.ରାମପୁରର କାହ୍ନା ମହାନନ୍ଦ, ଭବାନୀପାଟଣାର ଦିଗେଶ୍ୱର ବେମାଲ, ନିହାର ସାହୁ, ଆଦିତ୍ୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଆଗାମୀ ଦିନରେ ଗଣିତର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ସୁନନ୍ଦା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ଜାତୀୟ ଗଣିତ ଦିବସରେ ଅତିଥିମାନେ।

# ଜଳସେଚନ ସୁପରିଚାଳନା ପାଇଁ ସହଯୋଗ ଲୋଡ଼ା

## ଇନ୍ଦ୍ରାବତୀ ବାମ କେନାଲ ଡିଭିଜନ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ

କୋକସରା,୨୨।୧୨
(ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ଓଡିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ପକ୍ଷରୁ କଳାହାଣ୍ଡି ଜିଲା କୋକସରା ବ୍ଲକ ଉପର ଇନ୍ଦ୍ରାବତୀ ବାମ କେନାଲ କୁସୁମଖୁଣ୍ଟି ଡିଭିଜନ ଆନୁକୂଲ୍ୟରେ ରବିବାର ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଇଛି। କୁସୁମଖୁଣ୍ଟି ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପରିସରରେ କାର୍ଯ୍ୟକ୍ରମରେ କୁସୁମଖୁଣ୍ଟି ବାମ କେନାଲ ଅଧୀକ୍ଷଣ ଯନ୍ତ୍ରୀ ରୂପ କୁମାର ପାତ୍ର ସଭାପତିତ୍ୱ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ରଶ୍ମିତା ନେତମ ମୁଖ୍ୟ ଅତିଥି, ସଚେତନ ଚାଷୀ ହର୍ଷବର୍ଦ୍ଧନ ପ୍ରହରାଜ ମୁଖ୍ୟବକ୍ତା ଓ ସହକାରୀ ଯନ୍ତ୍ରୀ ସନ୍ଦୀପ କୁମାର ବାଗ, କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ପ୍ରଧାନ, ଦିଲୀପ ଠାକୁର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅଧୀକ୍ଷଣ ଯନ୍ତ୍ରୀ ପାତ୍ର ଇନ୍ଦ୍ରାବତୀ ବାମ କେନାଲ ଅଧୀନରେ ଥିବା ଜୟପାଟଣା, କୋକସରା, କଳମପୁର, ଜୁନାଗଡ଼ ଓ ଧର୍ମଗଡ଼ ବ୍ଲକର ମୋଟ ୧୧୧ ପାଣି ପଞ୍ଚାୟତର ମୋଟ ୩୯ ହଜାର ୮୩୦ ହେକ୍ଟର ଚାଷଜମିକୁ ଜଳସେଚନର ସୁପରିଚାଳନା ପାଇଁ ପାଣି ପଞ୍ଚାୟତ ଓ ଚାଷୀଙ୍କ ସହଯୋଗ କାମନା କରିଥିଲେ। ଚଳିତ ରବି ଚାଷ ପାଇଁ ୫ ବ୍ଲକର ପାଖାପାଖି ୨୭,୫୦୧ ହେକ୍ଟର ଚାଷଜମିକୁ ବାମ କେନାଲରୁ ଜଳସେଚନ ହେବାନେଇ ସୂଚନା ଦିଆଯାଇଥିଲା। ସଫଳତା ପାଇଁ ୭ ଜଣ ଚାଷୀଙ୍କୁ ମାନପତ୍ର ସହ ସମ୍ମାନିତ କରାଯାଇଛି। ପାଣି ପଞ୍ଚାୟତ ସହକାରୀ ଯନ୍ତ୍ରୀ ଆଦିତ୍ୟ କୁମାର ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ଦୁଃସମ୍ବାଦ ମାଝୀ ଓ କୁସୁମଖୁଣ୍ଟି ଇନ୍ଦ୍ରାବତୀ ବାମ କେନାଲ ଡିଭିଜନର କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ୩ ଅଧ୍ୟାପକଙ୍କୁ କାରଣ ଦର୍ଶାଅ ନୋଟିସ

ପଦ୍ମପୁର,୨୨।୧୨(ପ୍ରଦୀପ୍ତ ଦାଶ)

ହ୍ୱାଟ୍ସଆପ୍ ଯୋଗେ ଅଶ୍ଳୀଳ ମେସେଜ ପଠାଇବା ଅଭିଯୋଗରେ ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟର ପ୍ରାଧ୍ୟାପକ ବିରଞ୍ଚି ସାହୁ ନିଲମ୍ବିତ ହୋଇଛନ୍ତି। ତେବେ ଏହି ଘଟଣାରେ କଲେଜର ଅନ୍ୟ ୩ ଅଧ୍ୟାପକଙ୍କୁ ରବିବାର କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ବୋଲି କଲେଜ ଅଧ୍ୟକ୍ଷ ଲଳିତ ମୋହନ ପଣ୍ଡା ସୂଚନା ଦେଇଛନ୍ତି।

### ବରିଷ୍ଠ ଆଇନଜୀବୀଙ୍କ ପରଲୋକ

ବରଗଡ଼,୨୨।୧୨(ପ୍ରେମାନନ୍ଦ ଖମାରୀ)



ବରଗଡର ବରିଷ୍ଠ ଆଇନଜୀବୀ ବିମଳ କିଶୋର ଦେବତାଙ୍କ ରବିବାର ପରଲୋକ ହୋଇଛି। କଟକର ଏକ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଥିଲା। ସ୍ୱର୍ଗତ ଦେବତା ଏକାଧାରରେ ଜଣେ ଆଇନଜୀବୀ, ରାଜନୈତିକ ନେତା ଏବଂ ଦକ୍ଷ କ୍ରୀଡ଼ାବିତ୍ ଥିଲେ। ତାଙ୍କ ପରଲୋକରେ ଗଭୀର ଶୋକପ୍ରକାଶ ପାଇଛି। ସ୍ୱର୍ଗତ ଦେବତା ବିଜୁ ଜନତା ଦଳର ଜିଲା ଉପସଭାପତି ଥିଲେ। ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ସାଧୁ ନେପାକ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ବିଜେଡି ବରଗଡ଼ ବ୍ଲକ ସଭାପତି ପ୍ରଫୁଲ୍ଲ ନାଏକ, ଟାଉନ ସଭାପତି କିଶୋର ମିଶ୍ର, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

### ଛାତ୍ରୀଛାତ୍ର ପାଳିଲେ ଜାତୀୟ ଗଣିତ ଦିବସ

ବରଗଡ଼,୨୨।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତା ଜନତା ସରକାରୀ ହାଇସ୍କୁଲରେ ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ବୋଧରାମ ବିଶ୍ୱାଳ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ଏକ ଆଲୋଚନାଚକ୍ରରେ ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ ପ୍ରସିଦ୍ଧ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ଜୀବନୀ ଏବଂ ତାଙ୍କ ଦ୍ୱାରା ଆବିଷ୍କୃତ ତତ୍ତ୍ୱ, ଗାଣିତିକ ସୂତ୍ରକୁ ପ୍ରାଞ୍ଜଳ ଭାବେ ଉପସ୍ଥାପନ କରିଥିଲେ। ଏହାସହିତ ଗଣିତ ଦିବସର ପ୍ରସଙ୍ଗ ଗଣିତ– ନବୋଦ୍ଭବନ ଓ ପ୍ରଗତିର ସେତୁ ଉପରେ ଛାତ୍ରୀଛାତ୍ରଙ୍କୁ ଧାରଣା ପ୍ରଦାନ କରିଥିଲେ। ଗଣିତ ଶିକ୍ଷକ ତେଜରାମ ସା ଧନ୍ୟବାଦ ଅର୍ପଣ କରିଥିଲେ।

### ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକୋତ୍ସବ

ବରଗଡ଼,୨୨।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ କେଶବ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ଓଡ଼ିଆ ବିଭାଗ)ର ୩୪ତମ ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି, ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ ସମ୍ମାନିତ ଅତିଥି, ଶିକ୍ଷା ବିକାଶ ସମିତି ସମ୍ପାଦକ ସରୋଜ ହାତୀ ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି ଚିତ୍ତରଞ୍ଜନ ସାହୁ, ସମ୍ପାଦକ ସୁରେଶ କୁମାର ସାହୁ, ପ୍ରଧାନ ଆଚାର୍ଯ୍ୟ ରଞ୍ଜନ କୁମାର ବିଶ୍ୱାଳ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ହିନ୍ଦୀ ବିଭାଗ) ସଭାପତି ଲକ୍ଷ୍ମଣ ମହାପାତ୍ର, ପ୍ରଧାନ ଆଚାର୍ଯ୍ୟ ଦିଲୀପ କୁମାର ସାଥୁଆ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଶେଷ ସନ୍ଧ୍ୟାରେ ଦୁଲୁକିଲା ମଞ୍ଚ



ମଞ୍ଚରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ଚତୁର୍ଥ ପଦ୍ମପୁର ଲୋକ ମହୋତ୍ସବ ଉଦ୍‌ଯାପିତ

ପଦ୍ମପୁର,୨୨।୧୨(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ଅଶୋକ ଖେଳ ପଡିଆରେ ଟାଉନ କ୍ଲବ ପକ୍ଷରୁ ଆୟୋଜିତ ଚତୁର୍ଥ ପଦ୍ମପୁର ଲୋକ ମହୋତ୍ସବର ରବିବାର ଥିଲା ଶେଷ ସନ୍ଧ୍ୟା। ଏଥିରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ପର୍ବର ଶୁଭାରମ୍ଭ କରିଥିଲେ। କ୍ଲବ ସଭାପତି ପ୍ରିତେଶ କୁମାର ବହିଦାର ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ ଆବାହକ ଅଶୋକ ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କଣ୍ଠଶିଳ୍ପୀ ଶାଶ୍ୱତ ତ୍ରିପାଠୀଙ୍କ ଲୋକଗୀତରୁ ସାଂସ୍କୃତିକ ସନ୍ଧ୍ୟା ଆରମ୍ଭ ହୋଇଥିଲା। ସାଂସ୍କୃତିକ ପର୍ବରେ ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏଥିସହ ପ୍ରତିଭା ସାଂସ୍କୃତିକ ଅନୁଷ୍ଠାନ ସିଙ୍ଗାରୀ ନୃତ୍ୟ, ରୁମକୁଝୁମାନାର ପଞ୍ଚରସୀ ନୃତ୍ୟ, ସଙ୍ଗୀତ ସାଧନା ଲୋଇସିଙ୍ଗା ଅନୁଷ୍ଠାନର ନାଚନିଆ, ବରଗଡ଼ ଭାରତୀ କଳାପରିଷଦ ସାଂସ୍କୃତିକ ଅନୁଷ୍ଠାନ ଲୋକନୃତ୍ୟ ପରିବେଷଣ କରିଥିଲେ। ବାନ୍ଧୁପାଲି ଓଡିଶା ଆଦର୍ଶ ବିଦ୍ୟାଳୟର ସାଂସ୍କୃତିକ ଦଳ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଆସାମର ବିହୁ ନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସମସ୍ତ କାର୍ଯ୍ୟକ୍ରମରେ କଳାକାର ରାଜେଶ ଗୁର୍ଲା, ରମେଶ ଗୁର୍ଲା ଓ ସୁରେନ୍ଦ୍ର ସାହୁଙ୍କ ସହ ସଙ୍ଗୀତ ସମିତିର ସଦସ୍ୟମାନେ ବାଦ୍ୟଯନ୍ତ୍ର ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଅଧ୍ୟାପକ ତଥା ବରିଷ୍ଠ କଳାକାର କେଶରଞ୍ଜନ ପଧାନ ଓ ନାଟ୍ୟକାର ଅଶୋକ କୁମାର ବହିଦାର ମଞ୍ଚ ସଂଯୋଜନା କରିଥିଲେ। ପ୍ରତାପ ନାଥ, ଟେନେସ ପଣ୍ଡା, ସୁରେଶ ସାହୁ ଓ ଏ.ଡି.ଭି. ସୋମେଶ ଚନ୍ଦ୍ର ମହାନ୍ତି ସହଯୋଗ କରିଥିଲେ। ସଂସ୍କୃତିକା ପୁରୋହିତ, ଟ୍ୱିଙ୍କିଲ ପଧାନ ଓ ମନିଷ ରଥ ମଞ୍ଚ ଉଦ୍‌ଘୋଷକ ଦାୟିତ୍ୱ ତୁଲାଇଥିଲେ। କଳାକ୍ଷେତ୍ରରେ ଅବଦାନ ପାଇଁ ପୁଷ୍ପାଞ୍ଜଳି ତାଣ୍ଡି ଓ ଗୌର ମହାନନ୍ଦଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଚାରକମାନଙ୍କୁ ସମ୍ମାନିତ କରାଯାଇଥିଲା। କ୍ଲବର ସମ୍ପାଦକ ଇଂ. କୁନାଲ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୩.୨୬ କୋଟିରେ ହେବ ରାସ୍ତାର ନବୀକରଣ


ରାସ୍ତା ନବୀକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

ବରଗଡ଼,୨୨।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହରର ମୁଖ୍ୟ ରାସ୍ତାଗୁଡିକର ନବୀକରଣ ହେବ। ୩ କୋଟି ୨୬ ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ନବୀକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହ ଗତ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବିଭାଗୀୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅରୁଣ ପାଣ୍ଡେଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପ ଅଧୀନରେ ଏସ୍‌ପିଙ୍କ କାର୍ଯ୍ୟାଳୟଠାରୁ ପଞ୍ଚାୟତ ମହାବିଦ୍ୟାଳୟ, ଚେତନା ଡ୍ରେସେସଠାରୁ ବାନ୍ଧୁଟିକ୍ରା, ଟେଲିଫୋନ୍ ଭବନଠାରୁ ଗୋବିନ୍ଦପାଲି, ଲେଙ୍ଗୁ ମିଶ୍ର ଛକଠାରୁ ପଞ୍ଚାୟତ ମହାବିଦ୍ୟାଳୟ ଏବଂ ସୁଇପର କଲୋନୀଠାରୁ ପୁରୁଣା ରିଜର୍ଭ ପୋଲିସ କଲୋନୀ ରାସ୍ତାର ନବୀକରଣ ହେବା ସହ ଗମନାଗମନ ଆହୁରି ସହଜ ହେବ ବୋଲି ବିଧାୟକ ଷଡ଼ଙ୍ଗୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ, ପୂର୍ବତନ ନଗରପାଳ ପ୍ରଶାନ୍ତ ବେହେରା, ବରିଷ୍ଠ ଭାଜପା ନେତା ଅଶୋକ ପଣ୍ଡା, ଲକ୍ଷ୍ମୀ ହୋତା, ଅକ୍ରୂର ମଲ୍ଲିକ, ସୁବ୍ରତ ହୋତାଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ଶିକ୍ଷକ ତାଲିମ ଶିବିର ଉଦ୍‌ଯାପିତ



ଉଦ୍‌ଯାପନୀ ସଭାରେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

ବରଗଡ଼,୨୨।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ସ୍ଥିତ କ୍ରିଷ୍ଣା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ପାଞ୍ଚଦିନିଆ ଇତିହାସ ଶିକ୍ଷକ ତାଲିମ ଶିବିର ଉଦ୍‌ଯାପିତ ହୋଇଛି। ୨ଟି ଅଧିବେଶନରେ କାର୍ଯ୍ୟକ୍ରମ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ବିଷୟ ବିଶେଷଜ୍ଞମାନେ ଯୋଗଦେଇ ଇତିହାସର ବିଭିନ୍ନ ଦିଗ ଓ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଖରିଆର ସ୍ୱୟଂଶାସିତ ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ଡ. ଏମ.ଡି ୟମିନ ଇଣ୍ଡଷ୍ଟ୍ରିଆଲ ଆଣ୍ଡ୍ ଫ୍ରେଞ୍ଚ ରିଭୋଲ୍ୟୁଶନ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ଡ. ଅତୁଲ କୁମାର ପ୍ରଧାନ ହରପ୍ପା ସଭ୍ୟତା ଉପରେ ଆଲୋକପାତ କରିଥିଲେ। ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଇତିହାସ ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ଡ. ସକିର ହୁସେନ ପର୍ସେପସନ୍ ଅଫ୍ ସୋସାଇଟି ଥ୍ରୋ ଦି ଆଇସ୍ ଅଫ୍ ଦି ଟ୍ରାଭେଲ୍ସ ଉପରେ ଆଲୋଚନା କରିଥିଲେ। କ୍ରିଷ୍ଣା ବିକାଶ ଅନୁଷ୍ଠାନର ନିର୍ଦ୍ଦେଶକ ଡ. ସମରେନ୍ଦ୍ର ନାଥ ପଣ୍ଡାଙ୍କ ପୃଷ୍ଠପୋଷକତାରେ ଦ୍ୱିତୀୟ ଅଧିବେଶନର ଉଦ୍‌ଯାପନୀ ସଭା ଆୟୋଜିତ ହୋଇଥିଲା। ଏଥିରେ କ୍ରିଷ୍ଣା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ସ୍ୱାଗତ ଭାଷଣ ପ୍ରଦାନ ସହିତ ସଭା ପରିଚାଳନା କରିଥିଲେ। ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟକ୍ଷ ନକୁଳ ସେଠ ମୁଖ୍ୟଅତିଥି ଏବଂ କ୍ରିଷ୍ଣା ବିକାଶ ଅନୁଷ୍ଠାନର ଏଚ୍‌ଆର୍ ହେଡ୍ ଅଶ୍ୱିନୀ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଲୋଚନା କରିଥିଲେ। ଶେଷରେ କାର୍ଯ୍ୟକ୍ରମରେ ସମୁଦାୟ ୪୦ମହାବିଦ୍ୟାଳୟରୁ ଅଂଶଗ୍ରହଣ କରିଥିବା ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ମୃତ୍ୟୁଞ୍ଜୟ ଆଚାର୍ଯ୍ୟ, ଦେବାଶିଷ ଦାଶ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। କ୍ରିଷ୍ଣା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଏସ୍. କାନ୍ତାରାଓ ଧନ୍ୟବାଦ ଅର୍ପଣ କରିଥିଲେ।

## ୭ମ ଆଞ୍ଚଳିକ କେନ୍ଦ୍ରସ୍ତରୀୟ ମାସିକ ବୈଠକ

ସରଣ୍ଡା,୨୨।୧୨(ଯୁଧିଷ୍ଠିର ମହାପାତ୍ର)

ବରଗଡ ଜିଲା ଅତାବିରା ବ୍ଲକ ସିଂହପାଲି କ୍ଲଷ୍ଟର ଅନ୍ତର୍ଗତ ଗୁଡିପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୭ମ ଆଞ୍ଚଳିକ କେନ୍ଦ୍ରସ୍ତରୀୟ ମାସିକ ବୈଠକ ଶନିବାର ସିଆର୍‌ସିସି କୃତାର୍ଥ ଚନ୍ଦ୍ର ଭୁଏଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସିଂହପାଲି କ୍ଲଷ୍ଟର ଅନ୍ତର୍ଗତ ଡାହାରୁପଡା, କୁକେଡିରା, ଗୁଡିପାଲି, ବନହର, ସିଂହପାଲି, ଟୋପ, ପରମାଣପୁର, ଖଲିଆପାଲି ଆଦି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ମାଝୀ, ଲକ୍ଷ୍ମଣ ସାହୁ, ରବି ବନଛୋର, ସୁନୀଲ କୁମାର ସାହୁ, ସୁରେନ୍ଦ୍ର ମଲ୍ଲିକ, କୋଉଶିକ ସାହୁ, ବୀରେନ୍ଦ୍ର ଭୋଇ, ଦୁଃଖିଶ୍ୟାମ ଗଡତିଆ ଯୋଗ ଦେଇଥିଲେ। ସେହିପରି ଉକ୍ତ ବିଦ୍ୟାଳୟଗୁଡିକର ଶିକ୍ଷୟିତ୍ରୀ ଶିକ୍ଷକ ଲଳିତା ପ୍ରଧାନ, ସୁଶ୍ରୀ ଶକୁନ୍ତଳା ମିଶ୍ର, ସନ୍ଧ୍ୟାରାଣୀ ନାଥ, ରମେଶ ଚନ୍ଦ୍ର ସାହୁ, ସୁଶାନ୍ତ ତ୍ରିପାଠୀ ପ୍ରମୁଖ ଯୋଗଦାନ କରିଥିଲେ। ବୈଠକରେ ଡିସେମ୍ବର ମାସର ଶୈକ୍ଷିକ କ୍ୟାଲେଣ୍ଡର, ନମୂନା ପାଠ ଯୋଜନା, ମାନ ନିର୍ଦ୍ଧାରଣ, ଟ୍ରାକର ରେଜିଷ୍ଟର ଓ ଭଗ୍ନାଂଶ ଆଧାରିତ ଶିକ୍ଷଣ କାର୍ଯ୍ୟ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ରବି ବନଛୋର ସ୍ୱାଗତ ଭାଷଣ ଏବଂ ସହକାରୀ ଶିକ୍ଷକ ସୁବାଷ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ସରସ୍ୱତୀ ସଂଘର ରୌପ୍ୟ ଜୟନ୍ତୀ ସମାରୋହ



କାର୍ଯ୍ୟକ୍ରମରେ ଜଣେ ପ୍ରତିଭାଙ୍କୁ ସମ୍ମାନିତ କରାଯାଉଛି।

ବରପାଲି,୨୨।୧୨(ଚିତ୍ତରଞ୍ଜନ ସାହୁ)

ବରପାଲି ଗଙ୍ଗାଧର କଲ୍ୟାଣ ମଣ୍ଡପରେ ସରସ୍ୱତୀ ସଂଘର ରୌପ୍ୟ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସରସ୍ୱତୀ ସଂଘ ଓ ତପସ୍ୱିନୀ ନବସାଧନା କେନ୍ଦ୍ର ନୂଆଦିଲ୍ଲୀର ମିଳିତ ଉଦ୍ୟମରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥି ଭାବେ ବିଜେପୁର ବିଧାୟକ ସନତ କୁମାର ଗଡତିଆ, ପୂର୍ବତନ ଏମ୍‌ପି ଡ଼. ପ୍ରଭାସ କୁମାର ସିଂହ, ତପସ୍ୱିନୀ ନବସାଧନାର ନିର୍ଦ୍ଦେଶକ ସ୍ନିଗ୍ଧା ନନ୍ଦ ଓ ସ୍ପେଶାଲ ଅଲିମ୍ପିକ୍ସ ଭାରତ, ଓଡିଶାର କୋଚ୍ ଉମାକାନ୍ତ ଷଡଙ୍ଗୀ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ଉପସଭାପତି ଘରଯୁଗୀ ଗଡତିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଭ୍ୟା ସୁମନା ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ ଏବଂ ସମ୍ପାଦିକା ସୁନିତା ମୁଣ୍ଡ ବିବରଣୀ ଉପସ୍ଥାପନ କରିଥିଲେ। ପରେ ଡ. ପ୍ରଭାସ ସିଂହ ତାଙ୍କ ବକ୍ତବ୍ୟରେ ସମାଜରେ ଅବହେଳିତମାନଙ୍କ ଥଇଥାନ ପାଇଁ ସମସ୍ତଙ୍କୁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ବିଜେପୁର ବିଧାୟକ ଗଡ଼ତିଆ ତାଙ୍କ ଅଭିଭାଷଣରେ ଅଞ୍ଚଳର ନାରୀ ଓ ଅବହେଳିତଙ୍କ ପ୍ରଗତି ପାଇଁ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ନିବେଦିତା ସାହୁଙ୍କ ସଂଯୋଜନରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିଥିଗଣ ସରସ୍ୱତୀ ପତ୍ରିକା ଉନ୍ମୋଚନ କରିଥିଲେ। ଏହି ଅବସରରେ ଡ. ପ୍ରଭାସ କୁମାର ସିଂହ, ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ସତ୍ୟାନନ୍ଦ ପାଣ୍ଡେ, ଦେବାନନ୍ଦ ଖଟୁଆ, ମଞ୍ଜୁଲତା ଦାଶ, ଜଳନ୍ଧର ପଟେଲ ଓ ଦେବଦତ୍ତ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବାର୍ଷିକ କ୍ରୀଡ଼ାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସଂଘର ସଭ୍ୟା ଡା. ସୁସ୍ମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଅତାବିରା କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ

ସରଣ୍ଡା,୨୨।୧୨(ଯୁଧିଷ୍ଠିର ମହାପାତ୍ର)



ବାର୍ଷିକ କ୍ରୀଡା ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ବରଗଡ଼ ଜିଲା ଅତାବିରା କଲେଜ ପକ୍ଷରୁ ଫିଟ୍ ଇଣ୍ଡିଆ ମିଶନ ସହ ୪୩ ତମ ବାର୍ଷିକ କ୍ରୀଡା ଉତ୍ସବ ଗତ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଅଶ୍ୱିନୀ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କ୍ରୀଡା ଉତ୍ସବରେ ଅତାବିରା ଅତିରିକ୍ତ ତହସିଲଦାର ଅଙ୍କିତ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ ପୂର୍ବକ ମଶାଲ ସ୍ଥାପନ କରିଥିଲେ। ଏହାପରେ ଉଭୟ ବାଳିକା, ବାଳକ ବିଭାଗକୁ ନେଇ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ପ୍ରତି ବିଭାଗରୁ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ୧୦୮ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ସହିତ ମାନପତ୍ର ଓ ମେଡାଲ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା ଉପଦେଷ୍ଟା ଯୁକ୍ତ ୩ ବିଭାଗର ଅଧ୍ୟାପକ ଦିଲୀପ କୁମାର ବହିଦାର ଓ ଯୁକ୍ତ ୨ ବିଭାଗର ଧର୍ମେନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଖେଳ ଶିକ୍ଷକ ଲବ ସାହୁ, ଶୁଭକାନ୍ତ ମେହେର, ପିତାମ୍ବର ସୁନା ଖେଳ ପରିଚାଳନା କରିଥିଲେ। ଅଧ୍ୟାପକ ସୂର୍ଯ୍ୟ ନାରାୟଣ ବିଶ୍ୱାଳ, ତ୍ରିବିକ୍ରମ ମହାପାତ୍ର, ହୃଦୟାନନ୍ଦ ପ୍ରଧାନ, ଯୋଗେଶ ଚନ୍ଦ୍ର ନାଏକ, ବିଭୂତି ନାଏକ, ଅରୁଣ ତ୍ରିପାଠୀ, ବଜରଙ୍ଗ ବଗର୍ତ୍ତୀ, ଜନାର୍ଦ୍ଦନ ପ୍ରଧାନ, ଯୁବରାଜ ଭୁଏ, ରେଣୁକା ପ୍ରଧାନ, କ୍ରିଷ୍ଣାଞ୍ଜଳି ବିଶ୍ୱାଳ, ସିପ୍ରା ମିଶ୍ର, ଅପର୍ଣ୍ଣା ସାହୁ, ସୋନାଲି ଭୋଇ, ଅସ୍ମିତା ଛୁରିଆ ପ୍ରମୁଖ ସହଯୋଗ କରିଥିଲେ। ପ୍ରାଧ୍ୟାପକ ପରମାନନ୍ଦ ରଥ ଧନ୍ୟବାଦ ଅର୍ପଣ କରିଥିଲେ। କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ସହଯୋଗ କରିଥିଲେ।

# ଅମଲିପାଲି ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ସରଣ୍ଡା,୨୨।୧୨(ଯୁଧିଷ୍ଠିର ମହାପାତ୍ର)


ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

ବରଗଡ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଅମଲିପାଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ 'ମହକ' ଶୁକ୍ରବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପ୍ରବୀନା ସୁନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ମୁଖ୍ୟ ଅତିଥି, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ବିହାରୀ ବାଗ, ଅମଲିପାଲି ସରପଞ୍ଚ ସୁନନ୍ଦା ବିଶ୍ୱାଳ, ତେଜାଗୁଲା ହାଇସ୍କୁଲ ଶିକ୍ଷକ ଚନ୍ଦ୍ରକାନ୍ତ ସାହୁ, ଅବସରପ୍ରାପ୍ତ ଶିକ୍ଷକ କର୍ଣ୍ଣ ପ୍ରଧାନ, ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ଅଶୋକ କୁମାର ସାହୁ, ପୁରାତନ ଛାତ୍ର ରମାକାନ୍ତ ବିଶ୍ୱାଳ, ପ୍ରଦୀପ ମହାପାତ୍ର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍ସବରେ ୨୦୨୩–୨୪ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟ ଟପ୍ପର ଛାତ୍ରୀ ଦିପ୍ତିମୟୀ ମାଝୀଙ୍କୁ ସମ୍ମାନୀତ କରାଯାଇଥିଲା। ସେହିପରି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ବିଭିନ୍ନ ବିଭାଗରେ ଚାମ୍ପିୟନ୍ ହୋଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ମହେଶ ଭୁଏ, ଶ୍ରୁତିମୟୀ ମାଝୀ, ମୌସମ ବାଗ, ଡୋଲେଶ୍ୱରି ରଣା, ଉତ୍କର୍ଷ ବିଶ୍ୱାଳ, ଅଙ୍କିତା କୁମ୍ଭାର, ଆଦର୍ଶ ଖଡିଆ, ସବ୍ୟା ବାଗଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଶିକ୍ଷକ ରବୀନ୍ଦ୍ର ନାଥ ଭୋଇ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ରିକୁନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରଙ୍କ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବଡ଼ ମଣିଷ ହେବା ଅପେକ୍ଷା ଭଲ ମଣିଷ ହୁଅ

## କଂଠଉମାଲ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକୋତ୍ସବ

ଗାଇସିଲେଟ,୨୨।୧୨
(ଦୁର୍ଗା ପ୍ରସାଦ ତ୍ରିବେଦୀ)

ବରଗଡ଼ ଜିଲା ଗାଇସିଲେଟ ବ୍ଲକ କଠଉମାଲସ୍ଥିତ ବିରେନ୍ଦ୍ର କୁମାର ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ତହସିଲଦାର ଟିକସ ମହାନନ୍ଦିଆ ମୁଖ୍ୟଅତିଥି, ଗାଇସିଲେଟ ମହାବିଦ୍ୟାଳୟ ଅଧ୍ୟକ୍ଷ ଡା. ଜୟକେତନ ତ୍ରିପାଠୀ ମୁଖ୍ୟବକ୍ତା, ଅତିରିକ୍ତ ତହସିଲଦାର ସଙ୍ଗିତା ବରୁଆ, ପୂର୍ବତନ ଅଧ୍ୟକ୍ଷ ସରୋଜ ଶ୍ରୀଭୂଷଣ ସାହୁ, ସମାଜସେବୀ ରଞ୍ଜନ କୁମାର ପଣ୍ଡା, ଅଧ୍ୟକ୍ଷ ଭାବନା ସେଠ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅନୁଷ୍ଠାନକୁ ଜମି ଦାନ କରିଥିବା ବଦାନ୍ୟ ବ୍ୟକ୍ତିଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନୀତ କରାଯାଇଥିଲା। ଏହି ଅବସରରେ ହେମନ୍ତ କୁମାର ପଣ୍ଡାଙ୍କ ଲିଖିତ ଓ କୁମୁଦ ନାୟକଙ୍କ ନିର୍ଦ୍ଦେଶିତ ନାଟକ 'ବାର୍ଦ୍ଧକ୍ୟର ବେଦନା' ମଞ୍ଚସ୍ଥ ହୋଇଥିଲା। ସେହିପରି ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିଲା। କଲେଜର ସମ୍ପାଦକ ଦେବେନ୍ଦ୍ର କୁମାର ଯୋଷୀ ଧନ୍ୟବାଦ ଅର୍ପଣ କରିଥିଲେ।



ଉଦ୍‌ଯାପନୀ ସଭାରେ ମଞ୍ଚାସୀନ ଅତିଥିଗଣ।

# ଧାନବିକ୍ରି, ବିଦ୍ୟୁତ୍ ବିଲ୍ ସମସ୍ୟାକୁ ନେଇ ଉଦ୍‌ବେଗ

ବରଗଡ଼,୨୨।୧୨(ପ୍ରେମାନନ୍ଦ ଖମାରୀ)


ଧାନବିକ୍ରି, ବିଦ୍ୟୁତ୍ ବିଲକୁ ନେଇ କୃଷକ ପରିବାର ସଙ୍ଗଠନର ବୈଠକ।

ବରଗଡ଼ ଜିଲା ଭଟଲି ବଜାର ପ୍ରାଙ୍ଗଣରେ ଶନିବାର କୃଷକ ପରିବାର ସଂଗଠନ ପକ୍ଷରୁ ବିଦ୍ୟୁତ ବିଲ ଏବଂ ଧାନବିକ୍ରି ପ୍ରସଙ୍ଗକୁ ନେଇ ଏକ ବୈଠକ ବସିଥିଲା। ସଙ୍ଗଠନ ସଭାପତି ଥବିର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ବିଦ୍ୟୁତ୍ ବିଲ୍ ଏବଂ ଧାନବିକ୍ରି ସମସ୍ୟା ଉପରେ ଆଲୋଚନା ହୋଇଥିଲା। ସରକାର କମ୍ପାନୀମାନଙ୍କୁ ହଜାର ହଜାର କୋଟି ଋଣଛାଡ଼ କରୁଥିବାବେଳେ ଚାଷୀଙ୍କ ପ୍ରତି କାହିଁକି କଠୋର ନୀତି କରୁଛନ୍ତି ବୋଲି ଉପସ୍ଥିତ ପ୍ରତିନିଧି ପ୍ରଶ୍ନ କରିଥିଲେ। ସେହିପରି ହୀରାକୁଦ ଜଳସେଚନର ପୁନରୁଦ୍ଧାର ପାଇଁ ସରକାର କୋଟି କୋଟି ଟଙ୍କା ବିନିଯୋଗ କରି କେନାଲ ମରାମତି କରୁଥିବାବେଳେ ଅଣଜଳସେଚିତ ଅଞ୍ଚଳଗୁଡ଼ିକରେ ଖୋଳାଯାଇଥିବା ଗଭୀର ନଳକୂପଗୁଡ଼ିକୁ କାର୍ଯ୍ୟକ୍ଷମ କରା ନ ଯିବା ପରିତାପର ବିଷୟ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ତେବେ ବାଧ୍ୟବାଧକତାର ସହିତ ବିଦ୍ୟୁତ୍ ବିଲ୍ ଅସୁଲିକୁ ବିରୋଧ କରାଯିବ ଏବଂ ଆବଶ୍ୟକ ପଡ଼ିଲେ ଆନ୍ଦୋଳନକୁ ସଙ୍ଗଠନ ଓହ୍ଲାଇବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ରମେଶ ମହାପାତ୍ର, ବାରପାହାଡ଼ କୃଷକ ସଙ୍ଗଠନ ସଭାପତି ଇଶାନ୍ତ ଭୋଇଙ୍କ ସମେତ ଭଟଲି କୃଷକ ସଙ୍ଗଠନର ଶାନ୍ତନୁ ମାଝୀ, ସୁରେନ୍ଦ୍ର ସାହୁ, ଦିଲ୍ଲୀପ ସାହୁ, ବିନୟ ସାହୁ, ହେମନ୍ତ ସାହୁ, ଅନନ୍ତ ଖମାରୀ, ଅକ୍ଷୟ ପ୍ରଧାନ, ସୁରଥ ସାହୁ, ସଞ୍ଜୀବ ନାୟକ, ଅରୁଣ ମୁନା, ପିଣ୍ଟୁ ପଟେଲ, ଗଙ୍ଗାରାମ ଭୁଏ, କ୍ଷୀରୋଦ୍ର ସାହୁ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ଗାନ୍ଧୀବାଦ କଥା କହୁଛି 'କାରାଗାର କାହାଣୀ'



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

ରାଉରକେଲା,୨୨।୧୨(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ଆନୁକୂଲ୍ୟରେ ସ୍ପନ୍ଦନ ପକ୍ଷରୁ ଆୟୋଜିତ ୩୫ତମ ସର୍ବଭାରତୀୟ ବହୁଭାଷୀ ନାଟକ ଏବଂ ନୃତ୍ୟ ମହୋତ୍ସବ ରାଉରକେଲା ସିଭିକ ସେଣ୍ଟର ପ୍ରେକ୍ଷାଳୟରେ ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅମୀୟ କୁମାର ରଥ ମୁଖ୍ୟଅତିଥି, ସୁନ୍ଦରଗଡ ଜିଲା ଲୋକସମ୍ପର୍କ ଓ ସଂସ୍କୃତି ଅଧିକାରୀ ନଳିନୀ ମୁଣ୍ଡାରୀ ଓ ରାଉରକେଲା ୱାଟର କ୍ରାଫ୍ଟ ନିର୍ଦ୍ଦେଶିକା ନିହାରିକା ବହିଆ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ରାଉରକେଲା ଭଳି ବହୁ ଭାଷାଭାଷୀ ନଗରୀରେ ଏଭଳି ଜାତୀୟସ୍ତରର ସଂସ୍କୃତି, ସଭ୍ୟତା ଭରା ନୃତ୍ୟନାଟକ ମହୋତ୍ସବ ଆୟୋଜନ କରୁଥିବାରୁ ସ୍ପନ୍ଦନ ଅନୁଷ୍ଠାନକୁ ଅତିଥିମାନେ ପ୍ରଶଂସା କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ପ୍ରଫେସର ଡ. ସମର ମୁଦାଲି ମଞ୍ଚ ପରିଚାଳନା କରିଥିଲେ।

ଉଦ୍‌ଘାଟନୀ ସନ୍ଧ୍ୟାରେ ନାଟକ 'କାରାଗାରର କାହାଣୀ' ମଞ୍ଚସ୍ଥ ହୋଇଥିଲା। ବିଶିଷ୍ଟ ନାଟ୍ୟକାର ପ୍ରଫେସର ବିଜୟ କୁମାର ଶତପଥୀଙ୍କ ରଚିତ ଓ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ନଳିନୀ ନିହାର ରାୟଙ୍କ ନିର୍ଦ୍ଦେଶିତ ଏହି ନାଟକଟି ସାମ୍ପ୍ରତିକ ଘଟଣା ଉପରେ ଆଧାରିତ। ଏହି ନାଟକ ନ୍ୟୁ କ୍ୟୁଏଷ୍ଟ ରିପୋର୍ଟରୀ ରାଉରକେଲାର କଳାକାରମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା। ନାଟକର କଥାବସ୍ତୁରେ ଜଣେ ଉଚ୍ଚଶିକ୍ଷିତ କଳାକାର ଜାତୀୟ ନାଟ୍ୟ ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହେଲା ପରେ ସେ ସାମ୍ପ୍ରତିକ ବୈଷମ୍ୟତା ସହ ନାରୀ ନିର୍ଯାତନା ଆଦି ସମସ୍ୟାକୁ ନେଇ ସୁନ୍ଦର ନାଟକ ଉପସ୍ଥାପନ କରନ୍ତି। ମାତ୍ର ଉଚ୍ଚଶିକ୍ଷା ଲାଭ କରିଥିବା ନାଟ୍ୟ କଳାକାରଙ୍କୁ କିଛି ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ପରିବେଷଣ କରୁଥିବା ନାଟକ ବନ୍ଦ କରିବାକୁ ଧମକ ଚମକ ଦିଅନ୍ତି। ଶିକ୍ଷିତ ବ୍ୟକ୍ତି ଜଣଙ୍କ ସାମ୍ପ୍ରତିକ ସମସ୍ୟା ଭିତ୍ତିକ ନାଟକ ବନ୍ଦ ନ କରି ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରାଇଥାନ୍ତି। ଏହାପରେ ତାଙ୍କୁ ପୁଣି ଧମକ ମିଳେ। ନାଟକ ବନ୍ଦ ନ କଲେ ସାଫଦାର ହାଜ୍‌ମୀର ଅବସ୍ଥା ଭୋଗିବାକୁ ଚେତାବନୀ ଦିଆଯାଏ। ମାତ୍ର କଳାକାର କାହା କଥା ନ ଶୁଣି ନିଜ କାମ କରିଚାଲନ୍ତି। ଫଳରେ ପ୍ରତିଷ୍ଠିତ ବ୍ୟକ୍ତିମାନେ ନାଟ୍ୟ କଳାକାର ଗଢିଥିବା ପ୍ରେକ୍ଷାଳୟକୁ ଜାଳିପୋଡି ଦେବା ସହ ତାଙ୍କ ସ୍ତ୍ରୀ ଏବଂ ପିଲାଛୁଆଙ୍କ ଉପରେ ବୋମା ମାଡ କରି ହତ୍ୟା କରନ୍ତି। ପରେ କଳାକାରଙ୍କୁ ଆତଙ୍କବାଦୀ ସଜାଇ ବନ୍ଦୀ କରି ଦିଆଯାଏ। ପରେ ଉକ୍ତ ଶିକ୍ଷିତ ନାଟ୍ୟ କଳାକାରଙ୍କୁ ତାଙ୍କ ଭଲ କାମ ପାଇଁ ଯେତେବେଳେ କାରାଦଣ୍ଡ ମୁକ୍ତ କରିବାର ଆଦେଶ ଆସେ, ସେ ଆଉ ଜେଲରୁ ବାହାରକୁ ଯିବା ପାଇଁ ମନା କରିଦିଅନ୍ତି। କାରଣ ଜେଲ ଭିତରେ ସେ ସ୍ୱାଧୀନତା ଓ ଶାନ୍ତି ସୁଖ ଅନୁଭବ କରନ୍ତି। ମାତ୍ର ବାହାରେ ସେ ନିଜକୁ ପରାଧୀନ ଓ ଅଣନିଃଶ୍ୱାସୀ ମନେ କରନ୍ତି। ନାଟକଟି ସମ୍ପୂର୍ଣ୍ଣ ଭାବେ ଗାନ୍ଧିବାଦୀ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇଥିବା ବେଳେ ବର୍ତ୍ତମାନ ମଧ୍ୟ ଅନେକ ଲୋକ ହିଂସାର ଶିକାର ହୋଇ ପରାଧୀନ ଜୀବନ ବିତାଉଥିବା ନାଟକରେ ଦର୍ଶାଯାଇଛି। ଏହି ଅବସରରେ ନାଟକର ନିର୍ଦ୍ଦେଶକ ନଳିନୀ ନିହାର ରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ସତ୍ୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଯୁବ ଇଞ୍ଜିନିୟର ଅତୁଲ ସୁଭାଷ ଆତ୍ମହତ୍ୟା ମାମଲା

# ନ୍ୟାୟ ଦାବିରେ ବିକ୍ଷୋଭ ପ୍ରଦର୍ଶନ



କାଳୀମନ୍ଦିର ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ରାଉରକେଲା,୨୨।୧୨(ସଙ୍ଗୀତା ଜେନା)

ବାଙ୍ଗାଲୋରରେ ପତ୍ନୀଙ୍କୁ ଛାଡପତ୍ର ବାବଦ ଏକ କୋଟି ଟଙ୍କା ଦେଇପାରିବାରେ ଅସମର୍ଥ ତଥା ପୁତ୍ର ବିଚ୍ଛେଦକୁ ନେଇ କିଛି ଦିନ ତଳେ ଯୁବ ଇଞ୍ଜିନିୟର ଅତୁଲ ସୁଭାଷ ସୋଶିଆଲ ମିଡ଼ିଆରେ ୯୦ ମିନିଟ୍‌ର ଭିଡ଼ିଓ ତଥା ୨୪ ଫର୍ଦ୍ଦ ସୁଇସାଇଡ୍ ନୋଟ୍ ଲେଖି ଆତ୍ମହତ୍ୟା କରିଥିଲେ। ଏହି ପରିପ୍ରେକ୍ଷୀରେ ମୃତକଙ୍କ ପରିବାରକୁ ନ୍ୟାୟ ଦାବିରେ ରବିବାର ରାଉରକେଲା କାଳୀ ମନ୍ଦିର ନିକଟରେ ମହିଳାମାନେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଡା. ପୂଜା ପତିଙ୍କ ନେତୃତ୍ୱରେ ସନ୍ତୋଷୀ ରାୟ, ଭୋଳାଶଙ୍କର ଯାଦବ, ନର୍ଗିସ, ରାଜ କୌର, ରାଜିନ୍ଦର କୌର, ପିଙ୍କି କୌର, ପାର୍ବତୀ ନାଥ, ବିଲଜିତ୍ ସିଂହ, ନିତେଶ ପଣ୍ଡିତଙ୍କ ସମେତ ଅନ୍ୟମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିକ୍ଷୋଭକାରୀମାନେ କହିଥିଲେ, ଉକ୍ତ ଯୁବ ଇଞ୍ଜିନିୟର ପତ୍ନୀଙ୍କ ଠାରୁ ଛାଡପତ୍ର ବାବଦରେ ଏକ କୋଟି ଟଙ୍କା ଏବଂ ମହିଳା ନ୍ୟାୟାଧୀଶଙ୍କ ଅବହେଳା ଯୋଗୁ ଜୀବନ ହାରିଦେଇଥିଲେ। ଦେଶରେ ପୁରୁଷମାନଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ମୃତକ ନ୍ୟାୟ ନ ପାଇ ମୃତ୍ୟୁକୁ ସ୍ୱୀକାର କରିନେଉଛନ୍ତି। ଆଗାମୀ ଦିନରେ ଆଉ କେହି ଅତୁଲ ସୁଭାଷଙ୍କ ଅବସ୍ଥା ନ ଭୋଗନ୍ତୁ ମୃତକଙ୍କ ତାହା ଇଚ୍ଛା ଥିଲା। ସମାଜରେ ପୁରୁଷମାନଙ୍କ ମଧ୍ୟ ସମାନ ଓ ସୁରକ୍ଷିତ ସ୍ଥାନ ରହିବା ଉଚିତ୍। ମହିଳା ସପକ୍ଷରେ କାନୁନ୍ ରହିଥିବା ବେଳେ ପୁରୁଷଙ୍କୁ ମଧ୍ୟ ଏଥିରୁ ବଞ୍ଚିତ କରିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ବିକ୍ଷୋଭକାରୀମାନେ କହିଥିଲେ।

# ଚିନ୍ମୟ ବିଦ୍ୟାଳୟର ବାର୍ଷିକୋତ୍ସବ ଉଦ୍‌ଯାପିତ

ରାଉରକେଲା,୨୨।୧୨(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୭ ସ୍ଥିତ ଚିନ୍ମୟ ଓଡିଆ ମାଧ୍ୟମ ବିଦ୍ୟାଳୟର ୩୯ତମ ବାର୍ଷିକ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଚିନ୍ମୟ ସେବା ଟ୍ରଷ୍ଟର ସମ୍ପାଦକ ସ୍ୱାମୀ କେବଲାନନ୍ଦଜୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ। ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ମହାନ୍ତିଙ୍କ ନେତୃତ୍ୱରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଆର୍‌ଏସ୍‌ପିର ସେଫ୍ଟି ଇଞ୍ଜିନିୟରିଂ ବିଭାଗର ଜେନେରାଲ ମ୍ୟାନେଜର ଅବକାଶ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆବ୍ରାହମ ଲିଙ୍କନଙ୍କ ଜୀବନୀ ଉପରେ ଆଲୋକପାତ କରି ପିଲାମାନଙ୍କୁ ସତ୍ୟବାଦୀ, ନିର୍ଭୀକ ଏକାଗ୍ରଚିତ୍ତ ହେବା ପାଇଁ ଉପଦେଶ ଦେଇଥିଲେ। ବିଦ୍ୟାଳୟର ପୁରାତନ ଛାତ୍ର ତଥା ଏନ୍‌ଆଇଟିର ଇଲୋକ୍ଟ୍ରୋନିକ୍ ଓ କମ୍ୟୁନିକେଶନ ଇଞ୍ଜିନିୟରିଂ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଅୟଶକାନ୍ତ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ପିଲାମାନଙ୍କୁ ଶୃଙ୍ଖଳିତ ହେବା ସହ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। ଆଇଜିଏଚ୍‌ର ଚର୍ମରୋଗ ବିଶେଷଜ୍ଞ ଡକ୍ଟର ସତ୍ୟଜିତ ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶର୍ମିଳା କବି ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ପାଦକ ବାବୁରାମ ମିଶ୍ର ସମ୍ପାଦକୀୟ ଅଭିଭାଷଣ ରଖିଥିଲେ। ଚିନ୍ମୟ ମିଶନର ଆଚାର୍ଯ୍ୟ ସ୍ୱାମୀ ଅରୂପାନନ୍ଦଜୀ ବିଦ୍ୟାର୍ଥୀ ଓ ଅଭିଭାବକଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଏକାଡେମିକ୍ ବିଭାଗର ମୁଖ୍ୟ ସ୍ନେହାଂଶୁବାଳା ନାୟକ ଓ ଶିକ୍ଷକ ଅଭୟ କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ସଂଯୁକ୍ତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁଙ୍କୁ ଉଚିତ ଶିକ୍ଷା, ସଂସ୍କାର ଆବଶ୍ୟକ



କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ରାଉରକେଲା,୨୨।୧୨(ବିପ୍ଳବ ରଞ୍ଜନ ଦାଶ)

ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ରାଉରକେଲା ସିଟି ଜୋନ୍‌ର ପକ୍ଷରୁ ଶନିବାର ୪୧ତମ ଦ୍ୱିଦିବସୀୟ ଶିଶୁ ଉତ୍ସବ ସେକ୍ଟର-୧ସ୍ଥିତ ସ୍କାଉଟ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟା ସିଟି ଜୋନ୍ ସଭାପତି ଶିଶିର କୁମାର ପାଣିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବକୁ ବିଶ୍ରା ବିଇଓ ସଦାନନ୍ଦ ପ୍ରଧାନ ଉଦ୍‌ଘାଟନ କରିଥିଲେ। ସମାଜସେବୀ ଡ. ସୁମନ ଦତ୍ତ ମୁଖ୍ୟଅତିଥି, ଓଷ୍ଟା ଜିଲା ସମ୍ପାଦକ ସନ୍ତୋଷ କୁମାର ନାୟକ, ଉପଦେଷ୍ଟା ରମାକାନ୍ତ ମଲ୍ଲିକ, ଶିକ୍ଷାବିତ୍ ପ୍ରଶାନ୍ତ କୁମାର ପତି, ସୁଜ୍ଞାନୀ ରାୟ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ପାଦକ ପ୍ରଫୁଲ୍ଲ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କବୟିତ୍ରୀ ବିଜୟଲକ୍ଷ୍ମୀ ପଟ୍ଟନାୟକ ମୁଖ୍ୟ ଅତିଥି, ଉପଦେଷ୍ଟା ବ୍ରଜେନ୍ଦ୍ର ଦାଶ ବିଶିଷ୍ଟ ଅତିଥି ଓ ଓଷ୍ଟା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ସ୍ୱାଇଁ, କବି କୁଞ୍ଜବିହାରୀ ରାଉତ, ପ୍ରାକ୍ତନ ଏବିଇଓ କୃପାସିନ୍ଧୁ ପତି ସମ୍ମାନୀତ ଅତିଥି ଏବଂ ଶିକ୍ଷାବିତ୍ ଆଲୋକ ରଞ୍ଜନ ମଲ୍ଲିକ ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ଶିଶୁ ହସିଲେ ଦୁନିଆଁ ହସେ। ଏଣୁ ଶିଶୁମାନଙ୍କ ମୁହଁରେ ହସ ଭରିବା ସହିତ ଶିଶୁ ସମାଜର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ସକାଶେ ସେମାନଙ୍କୁ ସଂସ୍କାରିତ କରିବା ଜରୁରୀ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ୯ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପରେ ଅତିଥିମାନେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।

# ପ୍ରଗତି ବିଦ୍ୟାମନ୍ଦିରର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ରାଉରକେଲା,୨୨।୧୨(ସଙ୍ଗୀତା ଜେନା)

ରାଉରକେଲା ଜଗଦାସ୍ଥିତ ପ୍ରଗତି ବିଦ୍ୟାମନ୍ଦିରର ୪୬ତମ ବାର୍ଷିକ ପୁରସ୍କାର ବିବରଣୀ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ,ଦିନକୁ ଦିନ ଓଡ଼ିଆ ମାଧ୍ୟମ ସ୍କୁଲମାନଙ୍କରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା କମିବାରେ ଲାଗିଛି। ଓଡ଼ିଆ ଶିକ୍ଷା କ୍ଷେତ୍ରରେ ଏହା ମୁଖ୍ୟ ପ୍ରତିବନ୍ଧକ ସାଜୁଛି। ଇଂଲିଶ ମିଡ଼ିୟମ ଓ ଅନ୍ୟ ସ୍କୁଲମାନଙ୍କରେ ଅଧିକ ଛାତ୍ରୀଛାତ୍ର ରହୁଥିବା ବେଳେ ଓଡ଼ିଆ ସ୍କୁଲରେ ଲୋକଙ୍କ ରୁଚି ରହୁନାହିଁ। ତେଣୁ ପ୍ରତ୍ୟେକ ଅଭିଭାବକ ଏକ ସାମାଜିକ ଦାୟିତ୍ୱ ଭାବେ ଗ୍ରହଣ କରି ନିଜ ପିଲାମାନଙ୍କୁ ଏହି ସ୍କୁଲମାନଙ୍କୁ ଶିକ୍ଷାପ୍ରାପ୍ତି ପାଇଁ ପଠାଇବା ଉଚିତ। ଅତଏବ ଏଥିପାଇଁ ଅଭିଭାବକ ଜାଗ୍ରତ ହେବା ଜରୁରୀ ବୋଲି ବିଧାୟକ ନାୟକ କହିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ସଞ୍ଜୀବ ମହାନ୍ତିଙ୍କ ପୌରହିତ୍ୟରେ ମ୍ୟୁନିସିପାଲ କଲେଜର ଅଧକ୍ଷ ଡ. ସନାତନ ପ୍ରଧାନ ମୁଖ୍ୟବକ୍ତା, ବିଶ୍ରା ବିଇଓ ସଦାନନ୍ଦ ପ୍ରଧାନ, ସ୍କୁଲର ପ୍ରଧାନଶିକ୍ଷକ ହୃଷୀକେଶ ନାୟକ, ପ୍ରାଇମେରୀ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପଣ୍ଡା, ପ୍ରଭାବତୀ ପ୍ରଧାନ, ପୂର୍ବତନ ବିଇଓ କୃପାସିନ୍ଧୁ ପତି, ପରିଚାଳନା କମିଟି ସଦସ୍ୟ ଲକ୍ଷ୍ମୀଧର ନାୟକ, ସମ୍ପାଦକ କାଳ୍ହା ଖାଲଖୋ, ତ୍ରିଲୋଚନ ପରିଡ଼ା, ସମିତି ସଭ୍ୟ ପ୍ରତିମା ପାତ୍ର ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ା, ମାଟ୍ରିକ ପରୀକ୍ଷାର କୃତୀ ଛାତ୍ରୀଛାତ୍ର, ଜିଲାସ୍ତରୀୟ ଭାଷାବୃତ୍ତି, ସୁରଭି ତଥା ଅନ୍ୟ ପ୍ରତିଯୋଗିତାର କୃତୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ପ୍ରଦୀପ ପଣ୍ଡା ଏବଂ ଅରବିନ୍ଦ ପାତ୍ର ମଞ୍ଚ ସଂଯୋଜନା କରିଥିଲେ। ସ୍କୁଲ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ଜ୍ଞାନଜ୍ୟୋତି ପବ୍ଲିକ୍ ସ୍କୁଲର ବାର୍ଷିକ କ୍ରୀଡ଼ୋତ୍ସବ ଉଦ୍‌ଘାଟିତ

ରାଉରକେଲା,୨୨।୧୨(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୧୯ସ୍ଥିତ ଜ୍ଞାନଜ୍ୟୋତି ପବ୍ଲିକ୍ ସ୍କୁଲର ୧୩ତମ ବାର୍ଷିକ କ୍ରୀଡ଼ୋତ୍ସବ ପ୍ରଧାନ ଶିକ୍ଷକ ଜଳଧର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଦୁଇଦିନିଆ କ୍ରୀଡ଼ା ଉତ୍ସବକୁ ଆରଏସ୍‌ପିର ଜିଏମ୍ ସନ୍ତୋଷ କୁମାର ଭୂୟାଁ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପାଠପଢ଼ା ସହ କ୍ରୀଡ଼ା ଛାତ୍ର ଜୀବନରେ ମାନସିକ, ଶାରିରୀକ ଓ ବୌଦ୍ଧିକ ବିକାଶ ଘଟାଇଥାଏ ବୋଲି ଭୂୟାଁ ମତପ୍ରକାଶ କରିଥିଲେ। ଖବରଦାତା ବିବେକାନନ୍ଦ ଦାସ ଓ ସ୍କୁଲ ପରିଚାଳନା କମିଟି ସମ୍ପାଦକ ସମ୍ପିତ ଷଡଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି କ୍ରୀଡ଼ା ଉତ୍ସବରେ ବିଦ୍ୟାଳୟର ପ୍ରାୟ ୫ଶହ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୫୦ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସୁଜିତ ତନ୍ତୀ ଓ ଦେବୀ ସ୍ୱାଇଁ ଖେଳ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାର୍ଥୀଙ୍କ ଅଭିଭାବକଙ୍କ ମଧ୍ୟରେ ଦୌଡ ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ନମ୍ରତା ମଲ୍ଲିକ ମଞ୍ଚ ପରିଚାଳନା କରିଥିବାବେଳେ ସରିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ଥାୟୀ ଜଳ ସଂରକ୍ଷଣ, ବର୍ଜ୍ୟଜଳ ପ୍ରକ୍ରିୟାକରଣ କର୍ମଶାଳା


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିବୃନ୍ଦ।

ରାଉରକେଲା,୨୨।୧୨(ସଙ୍ଗୀତା ଜେନା)

ରାଉରକେଲା ଏନ୍‌ଆଇଟି ପରିସରରେ ଥିବା ଇନ୍‌ଷ୍ଟିଚ୍ୟୁଶନ୍ ଅଫ୍ ଇଞ୍ଜିନିୟର୍ସ (ଭାରତ)ର ଏ. ଏନ୍. ପଟେଲ ମେମୋରିଆଲ ସେମିନାର ହଲ୍‌ରେ ସ୍ଥାୟୀ ଜଳ ସଂରକ୍ଷଣ ଓ ବର୍ଜ୍ୟଜଳ ପ୍ରକ୍ରିୟାକରଣ ସମ୍ପର୍କିତ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆର୍‌ଏସ୍‌ପି ୟୁଟିଲିଟି ଓ ପରିବେଶ ବିଭାଗ ସିଜିଏମ୍ ହୀରାଲାଲ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବର୍ଜ୍ୟଜଳ ପ୍ରକ୍ରିୟାକରଣ କରି ବିନିଯୋଗ କରିବା ବିଭିନ୍ନ ପଦ୍ଧତି ଉପରେ ଆଲୋଚନା କରିଥିଲେ। ଅନୁଷ୍ଠାନର ଅଧକ୍ଷ ଇଂ. ସନ୍ତୋଷ ପୋଲାକି ସ୍ୱାଗତ ଭାଷଣ ଦେବା ସହିତ ଜଳ ସଂରକ୍ଷଣ ଏବଂ ବିନିଯୋଗର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି ଅବସରରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରିଥିଲେ। ବିଭିନ୍ନ ଉତ୍ସରୁ ଉତ୍ପନ୍ନ ବର୍ଜ୍ୟଜଳକୁ ବ୍ୟବହାର ଯୋଗ୍ୟ କରିବା ସହିତ ଜଳର ଗ୍ରହଣୀୟ ଗୁଣକୁ ଶୂନ୍ୟ ଡିସ୍‌ଚାର୍ଜ ଧାରଣ, ସ୍ଲେଜ ଡିୱାଟରିଂ ପ୍ଲାଣ୍ଟ ଓ ପୁନଃ ବ୍ୟବହାରକ୍ଷମ ସମ୍ବନ୍ଧରେ ଡ. ରତ୍ନାକର ସ୍ୱାଇଁ ତଥ୍ୟ ଉପସ୍ଥାପନ କରିଥିଲେ। ପୂର୍ବତନ ସମ୍ପାଦକ ରାମଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ମୋଟ ୪ଟି ଟେକ୍ନିକାଲ ପେପର ଉପସ୍ଥାପନ ହୋଇଥିଲା।

# ଉଠା ଜଳସେଚନ ବିଭାଜନସ୍ତରୀୟ ପ୍ରତିଯୋଗିତା

ରାଉରକେଲା,୨୨।୧୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଜଳସେଚନ ବିଭାଜନ ତରଫରୁ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଲାଠିକଟା ବ୍ଲକର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ବିଭାଜନସ୍ତରୀୟ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ଲାଠିକଟା, ବେଦବ୍ୟାସ, ଜଳଦା, ଲେଙ୍ଗେଇ ଆଦି ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସାଧାରଣ ଜ୍ଞାନ, ବକ୍ତୃତା ଚିତ୍ରାଙ୍କନ ଓ ପ୍ରବନ୍ଧ ଲିଖନ ଆଦି ପ୍ରତିଯୋଗିତା ହୋଇଥିଲା। ରାଉରକେଲା ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ଧନଞ୍ଜୟ କଲାଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଭାଗୀୟ ସହକାରୀ ଯନ୍ତ୍ରୀ ଉଇଲିୟମ ଏକ୍କା, କନିଷ୍ଠ ଯନ୍ତ୍ରୀ ଶିବରାମ ବେହେରା ଓ ବିଇଓ ଦେବେନ୍ଦ୍ର ସା ପ୍ରତିଯୋଗିତା ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ୧୨ଜଣ ଛାତ୍ରୀଛାତ୍ର କୃତିତ୍ୱ ଅର୍ଜନ କରିଥିଲେ। ବକ୍ତୃତାରେ ଜଳଦା ସରକାରୀ ହାଇସ୍କୁଲର ୧୦ମ ଶ୍ରେଣୀ ଛାତ୍ରୀ ଲିଲି ରଶ୍ମିତା ମୁଣ୍ଡା, ସାଧାରଣ ଜ୍ଞାନରେ ବେଦବ୍ୟାସ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୮ମ ଶ୍ରେଣୀ ଛାତ୍ର ମଳୟ ରଣା, ପ୍ରବନ୍ଧରେ ଜଳଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୮ମ ଶ୍ରେଣୀ ଛାତ୍ରୀ ପ୍ରିୟଙ୍କା ତିର୍କୀ ଓ ଚିତ୍ରାଙ୍କନରେ ଜଳଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନିଲମ ବିନ୍ଧାଣୀ ପ୍ରଥମ ସ୍ଥାନ ଅଧିକାର କରି ପ୍ରମାଣପତ୍ର ସହ ପୁରସ୍କୃତ ହୋଇଥିଲେ। କନିଷ୍ଠ ଯନ୍ତ୍ରୀ ଶିବରାମ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ଏବଂ ଅତିଥି।

### ଏକଦିବସୀୟ ବିକ୍ରେତା ବିକାଶ କାର୍ଯ୍ୟକ୍ରମ

# ୭ ମହିଳା ଉଦ୍ୟୋଗୀ ସମ୍ବର୍ଦ୍ଧିତ

ରାଉରକେଲା,୨୨।୧୨(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ପକ୍ଷରୁ ଅନୁସୂଚିତ ଜାତି ଓ ଜନଜାତି ଏବଂ ମହିଳା ଉଦ୍ୟୋଗୀଙ୍କ ଉପରେ ବିଶେଷ ଧ୍ୟାନ ସହ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ (ଏମ୍‌ଏସ୍‌ଇ) ପାଇଁ ରାଉରକେଲା କ୍ଲବରେ ଶୁକ୍ରବାର ଦିନିକିଆ ବିକ୍ରେତା ବିକାଶ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ନ୍ୟାଶନାଲ ଏସ୍‌ସି ଏସ୍‌ଟି ହବ୍ କାର୍ଯ୍ୟାଳୟ ଭୁବନେଶ୍ୱର ଓ ଏମ୍‌ଏସ୍‌ଏମ୍‌ଇ-ଡିଏଫ୍‌ଓ କଟକର ସହଭାଗିତାରେ ସମ୍ପନ୍ନ ହୋଇଥିଲା। କାର୍ଯ୍ୟକ୍ରମରେ ଆର୍‌ଏସ୍‌ପି ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର ଏବଂ ଏନ୍‌ଏସ୍‌ଏସ୍‌ଏଚ୍‌ଓ ଭୁବନେଶ୍ୱରର ପ୍ରଭାରୀ ଡି. ଚକ୍ରବର୍ତ୍ତୀ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ଅପରେଶନ୍ସ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି, ଜନଜାତି ଏବଂ ମହିଳା ଉଦ୍ୟୋଗୀଙ୍କ ସମେତ ୧୦୦ରୁ ଅଧିକ ବିକ୍ରେତା ସାମିଲ ହୋଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ଏଭଳି କର୍ମଶାଳା ଆୟୋଜନ ପାଇଁ ସାମଗ୍ରୀ ପରିଚାଳନା ବିଭାଗର ଉଦ୍ୟମକୁ ପ୍ରଶଂସା କରିଥିଲେ। ସେ ବିକ୍ରେତାମାନଙ୍କୁ ଆର୍‌ଏସ୍‌ପିର ବିଭିନ୍ନ ଯୋଜନାର ଲାଭ ନେବା ପାଇଁ ପରାମର୍ଶ ଦେଇଥିଲେ। ପଲାଇ ତାଙ୍କ ବକ୍ତବ୍ୟରେ କାରଖାନାର ଭବିଷ୍ୟତ ସମ୍ପ୍ରସାରଣରେ ବିକ୍ରେତାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ଆର୍‌ଏସ୍‌ପିର ପାରସ୍ପରିକ ଲାଭଦାୟକ ସାଧାରଣ କ୍ରୟ ନୀତି ବିଷୟରେ ଉଲ୍ଲେଖ କରିଥିଲେ। ଅନିଲ କୁମାର ତାଙ୍କ ବକ୍ତବ୍ୟରେ ପ୍ରକ୍ରିୟାଗୁଡିକୁ ସ୍ୱଚ୍ଛ ଏବଂ ଦକ୍ଷ କରିବା ପାଇଁ ଆର୍‌ଏସ୍‌ପିରେ ବିକ୍ରେତାମାନଙ୍କ ପାଇଁ ବ୍ୟବସାୟ ସୁଯୋଗ ଓ ୟୁନିଟ୍‌ରେ ଦ୍ରୁତ ଡିଜିଟାଲାଇଜେଶନ ଉପରେ ବର୍ଣ୍ଣନା କରିଥିଲେ। ତରୁଣ ମିଶ୍ର ୭ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଅନୀଲ କୁମାର ସ୍ୱାଗତ କରିଥିଲେ। ସିଜିଏମ୍ ଇନ୍‌ଚାର୍ଜ ରାଜୀବ ସେହଗଲ ଧନ୍ୟବାଦ ଅର୍ପଣ କରିଥିଲେ। ସାମଗ୍ରୀ ପରିଚାଳନା ବିଭାଗ ଡେପୁଟି ମ୍ୟାନେଜର ଓମ୍‌କାର ମହାନ୍ତି ଏବଂ ଏଜିଏମ ସୁଶ୍ରୀ ସୁସ୍ମିତା ତିର୍କୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


ଜଣେ ମହିଳା ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ଶିକ୍ଷା ଆଗକୁ ବଢ଼ିବା ପାଇଁ ପ୍ରେରଣା ଦିଏ



ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ।

## କେଶାଇବାହାଲ ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ

**କୁଚିଣ୍ଡା,୨୨।୧୨(ବିରଞ୍ଚି ଦର୍ଶୀ)**

ସମ୍ବଲପୁର ଜିଲା ବାମରା ବ୍ଲକ କେଶାଇବାହାଲ ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ବଲ୍ଲବି ପଟେଲଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ ମୁଖ୍ୟଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଶିକ୍ଷା ହିଁ ସଫଳତାର ଚାବିକାଠି ଏବଂ ଆଗକୁ ବଢ଼ିବାରେ ପ୍ରେରଣା ଦେଇଥାଏ ବୋଲି କହିଥିଲେ। ଏଥିରେ ବାମରା ଟ୍ରଷ୍ଟଫଣ୍ଡ କଲେଜ ଅଧ୍ୟାପକ ଶ୍ୟାମ ସୁନ୍ଦର ସାହୁ ମୁଖ୍ୟବକ୍ତା, ବାମରା ପଞ୍ଚାୟତ ସମିତି ଅଧ୍ୟକ୍ଷା ପିଙ୍କି ଧୂରୁଆ, ବାମରା ଗୋଷ୍ଠି ଶିକ୍ଷା ଅଧିକାରୀ ବିନୟ ପ୍ରକାଶ ସୋଏ ବକ୍ତା, ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ହୃଦାନନ୍ଦ ପ୍ରଧାନ, କେଶାଇବାହାଲ ସରପଞ୍ଚ ବାଣେଶ୍ୱର ନାଏକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସରୋଜ ପଟେଲ ସମ୍ମାନିତ ଅତିଥିଭାବେ ଯୋଗଦେଇ କଠିନ ପରିଶ୍ରମ ଦାରା ସଫଳତା ମିଳିଥାଏ ବୋଲି କହିଥିଲେ। ପ୍ରକାଶ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ସଂକ୍ଷେପରେ

### ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲର ବାର୍ଷିକ ଉତ୍ସବ

**ସମ୍ବଲପୁର,୨୨।୧୨(ପ୍ରମୋଦ ବହିଦାର)**

ସମ୍ବଲପୁର ଚନ୍ଦ୍ର ଶେଖର ବେହେରା ଜିଲାସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ.ଅରୁଣ କୁମାର ପୂଜାରୀ, ସମ୍ମାନିତ ଅତିଥିଭାବେ ଧନକଉଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ ଓ ୟୁକୋ ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ସଂଯୁକ୍ତା ପଟେଲ୍, ପୁରାତନ ଛାତ୍ରସଂଘ ସଭାପତି ସୁରଜିତ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତୁଷାରକାନ୍ତ ମହାନ୍ତି ଯୋଗଦେଇଥିଲେ। ପ୍ରଧନ ଶିକ୍ଷୟିତ୍ରୀ ଲୋକିତା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଡ.ପୂଜାରୀ ଦେଶର ସ୍ୱାଧୀନତା ଆନ୍ଦୋଳନରେ ଜିଲାସ୍କୁଲ ଛାତ୍ରଙ୍କ ଭୂମିକା ତଥା ଶିକ୍ଷାକ୍ଷେତ୍ରରେ ସର୍ବଦା ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଏହି ଶିକ୍ଷାନୁଷ୍ଠାନର ଗୌରବମୟ ଇତିହାସ ଉପରେ ଆଲୋକପାତ କରିଥିଲେ। ସେମ୍ମାନୀତ ଅତିଥି ଗୋଷ୍ଠୀ ଶିକ୍ଷାଧିକାରୀ ଭୋଇ ଶିକ୍ଷା କ୍ଷେତ୍ରରେ ସମଗ୍ର ରାଜ୍ୟ ତଥା ଦେଶରେ ଜିଲାସ୍କୁଲର ଅବଦାନ ସମ୍ପର୍କରେ ଅବଗତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସହକାରୀ ଶିକ୍ଷକ ପ୍ରମୋଦ କୁମାର ବେହେରା ସଭା ପରିଚାଳନା କରିଥିଲେ। ଶିକ୍ଷକ ପ୍ରତାପ କେଶରୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

### ବୀର ସୁରେନ୍ଦ୍ର ସାଏ ହାଇସ୍କୁଲରେ କ୍ରୀଡ଼ା ଉତ୍ସବ



**ସମ୍ବଲପୁର,୨୨।୧୨(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ବରଗାଁସ୍ଥିତ ବୀର ସୁରେନ୍ଦ୍ର ସାଏ ସରକାରୀ ପଞ୍ଚାୟତ ହାଇସ୍କୁଲର ୪୧ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଭାଷ ଚନ୍ଦ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅର୍ଜୁନ ରଞ୍ଜନ ପଣ୍ଡା, ରାଜର୍ଷି ପାଣିଗ୍ରାହୀ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରମାନଙ୍କ କ୍ରୀଡ଼ା କୌଶଳର ପ୍ରଶଂସା କରିବା ସହିତ ମନ ଦେଇ ପାଠ ପଢି ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷକ ଅରବିନ୍ଦ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ କ୍ରୀଡ଼ା ଶିକ୍ଷକ ରାମ ନିବାସ ସାହୁ ଏବଂ ଚିତ୍ତ ରଞ୍ଜନ ପୁଝାରୀ ପରିଚାଳନା କରିଥିଲେ । ଏହି ଅବସରରେ ଶିକ୍ଷକ ଶ୍ୟାମ ମିଁଗି, ଲିପନ ପଣ୍ଡା, ସୁଶ୍ରୀ ନିକିତା ପାଣ୍ଡେଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ଗଣିତ ଶ୍ରେଷ୍ଠ ଛାତ୍ର ଉଦୟ ପଧାନଙ୍କୁ ଦାଶରଥି ରେଣୁକା ପାଣିଗ୍ରାହି ଟ୍ରଫି ସହିତ ୩ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ଛାତ୍ରୀ ଭାବେ ବିନ୍ଦିୟା ଜଗଦଲା, ହରିପ୍ରିୟ ପୋଡ଼ ଏବଂ ଶ୍ରେଷ୍ଠ ଛାତ୍ର କ୍ରୀଡ଼ାବିତ ଭାବେରେ ପୁରୁଷ ବିଭାଗର ପିଣ୍ଟୁ ଖଡିଆ ଓ ଶ୍ରେଷ୍ଠ ଛାତ୍ରୀ କ୍ରୀଡ଼ାବିତ ସୋନାଲି ଭୋଇଙ୍କୁ ଅର୍ଥରାଶି ପ୍ରଦାନ କରାଯାଇଥିଲା।

### ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ: ବିଚାରପତି ଏକାଦଶ ବିଜୟୀ

**କୁଚିଣ୍ଡା,୨୨।୧୨(ବିରଞ୍ଚି ଦର୍ଶୀ)**

ସମ୍ବଲପୁର ଜିଲା କୁଚିଣ୍ଡା ସଇଡା ଫୁଟବଲ ପଡିଆରେ ରବିବାର କୁଚିଣ୍ଡା ବିଚାରପତି ଏକାଦଶ ଓ ଓକିଲ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ହୋଇଥିବା ମ୍ୟାଚରେ ଓକିଲ ସଂଘ ସଭାପତି ବରଦାନନ୍ଦ ଶର୍ମା ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଓକିଲ ଏକାଦଶ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୧୦୩ ରନ ସଂଗ୍ରହ କରିଥିଲେ। ଜବାବରେ ବିଚାରପତି ଏକାଦଶ ଅତି ସହଜ ଭାବେ ବିଜୟୀ ହୋଇଥିଲା। ଏହି ଅବସରରେ ଏକ ଭିନ୍ନକ୍ଷମ ଝିଅଙ୍କୁ ଚାଲିବା ୱାକର ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ସ୍ୱାସ୍ଥ୍ୟ ଶିବିରସହ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମର ଯୋଜନା ରହିଥିବା ଓକିଲ ସଂଘ ସଭାପତି ବରଦାନନ୍ଦ ଶର୍ମା କହିଥିଲେ।

# ଜମନକିରା ଓଏଭିର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**ଜମନକିରା,୨୨।୧୨(ରବୀନ୍ଦ୍ର ପ୍ରସାଦ ଦାନୀ)**

ସମ୍ବଲପୁର ଜିଲା ଜମନକିରା ବ୍ଲକ ବଡ଼ରମା ପଞ୍ଚାୟତ ଟିନିମହୁଲ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ର ତୃତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଆଦର୍ଶ ବିଦ୍ୟାଳୟ ଅଧକ୍ଷ କୃଷ୍ଣଚନ୍ଦ୍ର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜମନକିରା ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜମନକିରା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବକୀ ନାଏକ, ଧନକଉଡା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ସ୍ୱାଇଁ, ଜମନକିରା ପଞ୍ଚାୟତ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ବେହେରା, ବଡ଼ରମା ସରପଞ୍ଚ ବିଜୟ ନାଏକ, ଶିକ୍ଷାବିତ୍ ଗଙ୍ଗାରାମ ନାୟକ ମଞ୍ଚସୀନ ଥିଲେ। ମୁଖ୍ୟବକ୍ତାଭାବେ ଷଣ୍ଢପଥର ଏସଏସଡ଼ି ହାଇସ୍କୁଲ ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ଜଗତ ଯୋଗ ଦେଇଥିଲେ। ଶିକ୍ଷକ ଅଜିତ କୁମାର ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସତ୍ୟମ କୁମାର ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ବିନୟ ଲାଲ ନାଏକ, ଶିକ୍ଷୟିତ୍ରୀ ଅଙ୍କିତା ବେହେରା, ରଶ୍ମିତା ଟୀଗା ପୁରସ୍କାର ବିତରଣରେ ସାହାଯ୍ୟ କରିଥିଲେ। ବିଭିନ୍ନ ଖେଳ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି, ସମ୍ମାନୀତ ଅତିଥିମାନେ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ଜମନକିରା,୨୨।୧୨(ରବୀନ୍ଦ୍ର ପ୍ରସାଦ ଦାନୀ)**

ସମ୍ବଲପୁର ଜିଲା ଜମନକିରା ବ୍ଲକ ସଦର ମହକୁମା ଯୁକ୍ତ ୨ ଓ ଯୁକ୍ତ ୩ ମହାବିଦ୍ୟାଳୟର ଦ୍ୱିଦିବସୀୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅରୁଣ କୁମାର ପଟେଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ପ୍ରଦୀପ ପଟେଲ, ନାରାୟଣ ପ୍ରଧାନ ଓ ଦୀପକ କିସାନ କ୍ରୀଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟାପକ ପ୍ରଦୀପ ପଣ୍ଡା, ଅଧ୍ୟାପିକା ଡ. ତୃପ୍ତି ମିଶ୍ର, ଅଧ୍ୟାପିକା ଅରୁଣା ମିଶ୍ର, ଅଧ୍ୟାପକ ମନମୋହନ ଜୟବିକାଶ ବାଘ ଓ ସିଦ୍ଧାନ୍ତ ସାହୁଙ୍କ ସମେତ ଯୁକ୍ତ ୨ ମହାବିଦ୍ୟାଳୟର ଅଧ୍ୟାପକ ସତ୍ୟ ନାରାୟଣ ପଟ୍ଟନାୟକ, ଅଧ୍ୟାପିକା ଅଙ୍କିତାରାଣୀ କର୍ଣ୍ଣ, ଅଧ୍ୟାପକ ଭାବଗ୍ରାହୀ ବାର୍ଗେ କ୍ରୀଡା ପ୍ରତିଯୋଗିତା ସମ୍ପାଦନାରେ ସହାୟତା କରିଥିଲେ। ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ଜମନକିରା ଡିଗ୍ରୀ ମହାବିଦ୍ୟାଳୟ ସଭାପତି ତେଜରାମ ପଟେଲ ମୁଖ୍ୟଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡା ପ୍ରତିଯୋଗିତାରେ ଯୁକ୍ତ ୨ ମହାବିଦ୍ୟାଳୟର ଦ୍ୱିତୀୟ ବର୍ଷ ଛାତ୍ର ମଣ୍ଟୁ ନାଏକ, ପ୍ରଥମ ବର୍ଷ ଛାତ୍ରୀ ଲତିକା ଛତ୍ରିଆ ଏବଂ ଯୁକ୍ତ ୩ ମହାବିଦ୍ୟାଳୟ ଶେଷ ବର୍ଷ ଛାତ୍ର ମନୀଷ ଧୁରୁଆ ଏବଂ ପ୍ରଥମ ବର୍ଷ ଛାତ୍ରୀ ମିତା ମହାକୁଲ ବିଜେତା ହୋଇଥିଲେ।

# ଇଣ୍ଡିଆନ ପବ୍ଲିକ ସ୍କୁଲ ପ୍ରି-ପ୍ରାଇମେରି ବିଭାଗ ଖେଳକୁଦ



ବାର୍ଷିକ ଖେଳକୁଦ ପ୍ରତିଯୋଗିତାରେ ଅତିଥି ଏବଂ ଛାତ୍ରୀଛାତ୍ରମାନେ।

**ସମ୍ବଲପୁର,୨୨।୧୨(ବି.ଶଙ୍କର)**

ଇଣ୍ଡିଆନ ପବ୍ଲିକ ସ୍କୁଲ ପ୍ରି-ପ୍ରାଇମେରୀ ବିଭାଗ ବାର୍ଷିକ ଖେଳକୁଦ ପ୍ରତିଯୋଗିତା ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ କ୍ଷେତରାଜପୁରସ୍ଥିତ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସନ୍ତୋଷ ଟ୍ରଫି ଖେଳାଳି ତଥା ସମ୍ବଲପୁର ଜିଲା ବର୍ଷିୟାନ କ୍ରୀଡା ସଂଘ ସାଧରଣ ସମ୍ପାଦକ ସଦାଶିବ ପୁରୋହିତ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ପ୍ରଧାନଶିକ୍ଷକ ସଚିନ ପାଠକ ଓ ଅଭିଭାବକଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥି ପୁରୋହିତ ଖେଳକୁଦ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ପାଠପଢ଼ା ସହ ଖେଳକୁ ସମାନ ଗୁରୁତ୍ୱ ଦିଆଯାଉଛି ବୋଲି ପ୍ରଧାନ ଶିକ୍ଷକ ପାଠକ କହିଥିଲେ। ଏହି ଅବସରରେ ଛାତ୍ର ଏବଂ ଅଭିଭାବକମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ଖେଳ ପ୍ରତିଯୋଗିତାର ଆୟୋଜନ ହୋଇଥିଲା। ନର୍ସରୀ କ୍ଷେତ୍ରରେ ବିଲ୍ଡିଂ ଦ ବ୍ଲକ୍ସ ରନ, ଏଲକେଜି ପିଲାମାନଙ୍କୁ ହକି ଆଣ୍ଡ ବଲ ରନ ଏବଂ ୟୁକେଜି ପିଲାମାନଙ୍କୁ ବନି ହପ ଏବଂ ମାଥମେଟିକାଲ ରନ୍ ସମସ୍ତଙ୍କୁ ଆନନ୍ଦ ଦେଇଥିଲା। ଅଭିଭାବକମାନଙ୍କ ମଧ୍ୟରେ ପିତାମାନଙ୍କ ପାଇଁ ନିଡଲ ଏଣ୍ଡ ଥ୍ରେଡ ରନ ଏବଂ ମାତାମାନଙ୍କ ପାଇଁ ବୁକ ବାଲାନ୍ସିଂ ରନ ସବୁଠୁ ଆକର୍ଷଣୀୟ ଥିଲା । କାର୍ଯ୍ୟକ୍ରମ ସଂଯୋଜିକ ପୂଜା ସିଂ ଏବଂ ସହ ସଂଯୋଜିକା ଧରିତ୍ରୀ ଶତପଥୀଙ୍କ ନିର୍ଦ୍ଦେଶନାରେ ଆୟୋଜିତ ହୋଇଥିଲା। ବିଜେତା ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟ ଅତିଥି ଏବଂ ପ୍ରଧାନଶିକ୍ଷକ ପାଠକଙ୍କ ପଦକ ପ୍ରଦାନ କରଥିଲେ ।

# ଲୋକ ମହୋତ୍ସବ ପାଇଁ ଉଦ୍‌ଘୋଷକ ଚୟନ

**ସମ୍ବଲପୁର,୨୨।୧୨(ଭବାନୀ ଶଙ୍କର ଭୋଇ)**

ଲୋକ ମହୋତ୍ସବ-୨୫ ପାଇଁ ଉଦ୍‌ଘୋଷଣା ଉପସମିତି ତରଫରୁ ଉଦଘୋଷକ ଚୟନ ପ୍ରକ୍ରିୟା ରବିବାର ସ୍ଥାନୀୟ ପାନ୍ଥନିବାସ ପ୍ରୋକ୍ଷାଳୟରେ ଚୂଡାନ୍ତ ହୋଇଛି। ଚୟନ ଶିବିରରେ ବିଭିନ୍ନ ସ୍ଥାନରୁ ଆସିଥିବା ୫୦ଜଣ ଯୁବତୀଯୁବକ ସାମିଲ ହୋଇଥିଲେ। ଶିବିରରେ ଅଧ୍ୟାପକ ଡ଼ ମୁରଲୀଧର ନାୟକ, ନାଟ୍ୟ ଅଭିନେତା ନିର୍ଦ୍ଦେଶକ ପ୍ରଦୀପ କୁମାର ପଣ୍ଡା, ନାଟ୍ୟକାର ନିର୍ଦ୍ଦେଶକ ସତ୍ୟ ରଞ୍ଜନ ବେହେରା, ଉଦ୍‌ଘୋଷକ ରାମାଶିଷ ତ୍ରିପାଠୀ ବିଚାରକଭାବେ ଦାୟିତ୍ୱ ତୁଲାଇଥିଲେ। ଶିବିରରେ ସମସ୍ତ ପ୍ରତିଭାଗୀ ମାନଙ୍କ ପ୍ରଦର୍ଶନ ଆଧାରରେ ସମ୍ବଲପୁରୀ, ଇଂଲିଶ, ଓଡ଼ିଆ ତଥା ହିନ୍ଦୀ ଭାଷା ପାଇଁ ୧୨ ଜଣ ସୁଦକ୍ଷ ଉଦଘୋଷକଙ୍କୁ ଚୟନ କରାଯାଇଥିଲା। ଆବାହକ ମିମାଂଶା ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ଚୟନ ପ୍ରକ୍ରିୟାରେ ନୋଡାଲ ଅଫିସର ସୁଶାନ୍ତ କୁମାର ନାଏକଙ୍କ ସମେତ ସଂଯୋଜକ ପ୍ରଫୁଲ୍ଲ ହୋତା, ସହ ସଂଯୋଜକ ରଞ୍ଜନ ସାହୁ, ବିଭିନ୍ନ ଉପସମିତି ଆବାହକ ଅତୀଶ କୁମାର ଶତପଥି, ନନ୍ଦକିଶୋର ସାହୁ, ଦଶରଥ ମେହେର ତଥା ଉପଦେଷ୍ଟା ରାମଦାଶ ପଣ୍ଡା, ସୁଧୀର କୁମାର ବହିଦାର, ସୂର୍ଯ୍ୟ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜାମୁଯୋରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା

**ନାକଟିଦେଉଳ,୨୨।୧୨(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଯାମୁଯୋରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉମାକାନ୍ତ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବିଦ୍ୟାଳୟର ୧୫୦ଜଣ ଛାତ୍ରୀଛାତ୍ର ୧୨ଟି ବିଭାଗରେ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତାର ବରିଷ୍ଠ ବିଭାଗ ବାଳକ ବର୍ଗରେ ଅମିତ ବେହେରା, ବାଳିକା ବର୍ଗରେ ଅପରାଜିତା ଅମାତ, କନିଷ୍ଠ ବିଭାଗ ବାଳକ ବର୍ଗରେ କୁନା ଗଡ଼ତ୍ୟା ଏବଂ ବାଳିକା ବର୍ଗରେ କବିତା ମାଝୀ ଚାମ୍ପିୟନ ହୋଇଥିଲେ। ପ୍ରଧାନ ଶିକ୍ଷକ ଚନ୍ଦ୍ରମଣି ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ପୂର୍ବତନ ସରପଞ୍ଚ ହରିହର ପ୍ରଧାନ, ମୁଖ୍ୟବକ୍ତାଭାବେ ଯାମୁଯୋରୀ ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ସୁଶାନ୍ତ କୁମାର ସାହୁ ଏବଂ ସମ୍ମାନିତ ଅତିଥି ଭାବେ ପୂର୍ବତନ ସମିତି ସଭ୍ୟ ସାଗର କୁମାର ସାହୁ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ସହକାରୀ ଶିକ୍ଷକ ବିଷ୍ଣୁ ଚରଣ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନିରୋଦ କୁମାର ଗଡ଼ତ୍ୟା ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଏମ୍‌ୟୁରେ ଆର୍ଟ ଗ୍ୟାଲେରି ଉଦ୍‌ଘାଟିତ



ଜିଏମ୍‌ୟୁ ଆର୍ଟ ଗ୍ୟାଲେରିକୁ ବୁଲି ଦେଖୁଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ।

**ସମ୍ବଲପୁର,୨୨।୧୨(ପ୍ରମୋଦ ବହିଦାର)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ର ୟୁଟିଲିଟି କେନ୍ଦ୍ରରେ ନବନିର୍ମିତ ଆର୍ଟ ଗ୍ୟାଲେରୀ ତଥା ଆଲୁମିନି କନେକ୍ଟ ହଲକୁ ରବିବାରଠାରୁ ସର୍ବସାଧାରଣଙ୍କ ପାଇଁ ଉନ୍ମୁକ୍ତ କରାଯାଇଛି। ସମଗ୍ର ଓଡ଼ିଶାର ବିଶ୍ୱବିଦ୍ୟାଳୟ ସମୂହରେ ଅଦ୍ୱିତୀୟ ଏହି ଗ୍ୟାଲେରୀ ଚିତ୍ରକଳା ତଥା ସ୍ଥପତିର ଆବେଦନ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଉଭୟ ଆର୍ଟ ଗ୍ୟାଲେରୀ ଓ ଆଲୁମ୍‌ନି କନେକ୍ଟକୁ ଲୋକାର୍ପିତ କରିବା ଅବସରରେ ଏହା କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ଏହି ପରିପ୍ରେକ୍ଷୀରେ ଜିଏମ୍‌ୟୁ ୟୁଟିଲିଟି କେନ୍ଦ୍ରରେ ଅନୁଷ୍ଠିତ ଲୋକାର୍ପଣ ଉତ୍ସବରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍. ନାଗାରାଜୁ, କୁଳସଚିବ ସନତ କୁମାର ନାୟକ, ଉପକୁଳସଚିବ ଡ. ଉମାଚରଣ ପତି, ସୁନାମଧନ୍ୟ ଚିତ୍ରଶିଳ୍ପୀ ଭୋଳାନାଥ ନାୟକ, ପ୍ରାକ୍ତନ ପ୍ରାଧ୍ୟାପକ ନନ୍ଦକିଶୋର ପୂଜାରୀ ଓ ନିମନ୍ତ୍ରିତ ଚିତ୍ରଶିଳ୍ପୀ ଓ ପୁରାତନ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ମନ୍ତ୍ରୀ ପୂଜାରୀ ଉଭୟ ପ୍ରକୋଷ୍ଠକୁ ଲୋକାର୍ପଣ କରିଥିଲେ। ଲୋକାର୍ପଣ ପରେ ଶତାଧିକ ପୁରାତନ ଛାତ୍ରୀଛାତ୍ର ଓ କଳାପ୍ରେମୀ ଏହାକୁ ପରିଦର୍ଶନ କରିଥିଲେ। ଚଳିତ ବର୍ଷଠାରୁ ବିଶ୍ୱବିଦ୍ୟାଳୟରେ ଆର୍ଟ ଓ କ୍ରାଫ୍ଟ ଶିକ୍ଷା ପାଇଁ ନୂତନ ପାଠ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ୪୦ ଟି ଆସନ ରହିଛି। ପ୍ରଥମ ବ୍ୟାଚରେ ୩୦ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଗ୍ୟାଲେରୀ ପ୍ରତିଷ୍ଠା ଦିଗରେ ଭୀମ ଭୋଇ ଗବେଷଣା କେନ୍ଦ୍ରର ପ୍ରଫେସର ପ୍ରଦୀପ କୁମାର ପଣ୍ଡା ଓ କଳା କେନ୍ଦ୍ରର ନିର୍ଦ୍ଦେଶିକା ବନ୍ଦନା ପଣ୍ଡା ପ୍ରମୁଖ ଭୂମିକା ନିର୍ବାହ କରିବା ସହିତ କାର୍ଯ୍ୟମର ସଂଯୋଜନା କରିଥିଲେ।

# ଓଏସ୍‌ଓୟୁରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ



ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଅତିଥି ଓ ବକ୍ତା ଏବଂ ପ୍ରତିନିଧି ।

**ସମ୍ବଲପୁର,୨୨।୧୨(ବି.ଶଙ୍କର)**

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ)ଠାରେ ଶିକ୍ଷଣ ପରିଚାଳନା ପ୍ରଣାଳୀ (ଏଲ୍‌ଏମ୍‌ଏସ)ର ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକମାନଙ୍କୁ ଶିକ୍ଷାଗତ ଉତ୍କର୍ଷ ଏବଂ ଦକ୍ଷ ପାଠ୍ୟକ୍ରମ ପରିଚାଳନା ପାଇଁ ଏଲଏମଏସ ବ୍ୟବହାର କରିବା ପାଇଁ ଜ୍ଞାନ ଏବଂ ଦକ୍ଷତା ସହିତ ସଶକ୍ତ କରିବା କାର୍ଯ୍ୟକ୍ରମର ଲକ୍ଷ୍ୟ। ଓଏସ୍‌ୟୁ କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ପ୍ରଫେସର ପଟ୍ଟନାୟକ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରି ଉଦ୍ଦେଶ୍ୟ, ପ୍ରତ୍ୟାଶିତ ଫଳାଫଳ ଏବଂ ଓଏସଓୟୁର ଶୈକ୍ଷିକ ଅଭ୍ୟାସରେ ଏଲଏମଏସକୁ ସମନ୍ୱିତ କରିବା ପାଇଁ ରୋଡମ୍ୟାପ୍ ଉପରେ ଗୁରୁତ୍ୱାରୋପ କରିଥିଲେ । କୁଳପତି ଡ. ଚିତ୍ତ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଚେନ୍ନାଇର ଡ.ସୂର୍ଯ୍ୟ ନାରାୟଣ ମୂର୍ତ୍ତି ମୂର୍ତ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଷୟିକ ଅଧିବେଶନରେ ଅଧ୍ୟାପକମାନଙ୍କୁ ଏଲଏମଏସର କାର୍ଯ୍ୟକାରିତା ଉପରେ ପରିଚିତ କରାଇଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସ ମୂଲ୍ୟାଙ୍କନ ଅଧିବେଶନ ଉପରେ କେନ୍ଦ୍ରିତ ଥିଲା । ଯେଉଁଠାରେ ଅଧ୍ୟାପକମାନେ ଏଲ୍‌ଏମଏସ କାର୍ଯ୍ୟକାରିତା ବିଷୟରେ ସେମାନଙ୍କର ବୁଝାମଣା ପ୍ରଦର୍ଶନ କରିଥିଲେ। ଅଂଶଗ୍ରହଣ ପ୍ରମାଣପତ୍ର ବଣ୍ଟନ, ସେମାନଙ୍କର ପ୍ରୟାସକୁ ସ୍ୱୀକୃତି ଏବଂ କାର୍ଯ୍ୟକ୍ରମରେ ମୂଲ୍ୟାୟନର ସଫଳ ସମାପ୍ତି ସହିତ ଅଧିବେଶନ ଶେଷ ହୋଇଥିଲା । ତୃତୀୟ ଦିବସରେ ଉନ୍ନତ ତାଲିମ ପାଇଁ ଉତ୍ସର୍ଗୀକୃତ ଥିଲା। ଅଂଶଗ୍ରହଣକାରୀମାନେ ଏଲ୍‌ଏମ୍‌ଏସ୍ ପୋର୍ଟାଲରେ ପାଠ୍ୟକ୍ରମ କିମ୍ବା କାର୍ଯ୍ୟକ୍ରମଗୁଡ଼ିକୁ ପ୍ରୋଜେକ୍ଟ ଏବଂ ପରିଚାଳନା କରିବା ଶିଖିଥିଲେ। ଡକ୍ଟର ମୂର୍ତ୍ତି ନିର୍ଦ୍ଦିଷ୍ଟ ପ୍ରକଳ୍ପ ପାଇଁ ବିଷୟବସ୍ତୁ ଅପଡେଟ ଏବଂ ଅପଲୋଡ୍ କରି ଅଧ୍ୟାପକମାନଙ୍କୁ ମାର୍ଗଦର୍ଶନ କରିଥିଲେ।

# ରକ୍ତଦାନ ଶିବିର, ୫୧ ୟୁନିଟ୍ ରକ୍ତ ସଂଗ୍ରହ




ରକ୍ତଦାନ ଶିବିରରେ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ସହ ଅନ୍ୟମାନେ।

**କୁଚିଣ୍ଡା,୨୨।୧୨(ବିରଞ୍ଚି ଦର୍ଶୀ)**

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନା ରକ୍ତଭଣ୍ଡାରରେ ରବିବାର ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ କୁଚିଣ୍ଡା ମାରୱାଡ଼ି ଯୁବାମଞ୍ଚ ଓ ମହିଳା ଜାଗୃତି ଶାଖା ପକ୍ଷରୁ ଆୟୋଜନ କରାଯାଇଥିଲା। ମାରୱାଡି ଯୁବାମଞ୍ଚ ସଭାପତି ରାହୁଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଉପ ଜିଲାପାଳ ଗୌରବମୟ ପ୍ରଧାନ, ବିଡିଓ ଜୟନ୍ତ ସାହୁ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଅମିତାଭ ପଣ୍ଡା, ଉପଖଣ୍ଡ ମୁଖ୍ୟ ଚିକିତ୍ସାଅଧିକାରୀ ଡା.ସୁବୋଧ କୁମାର ନାୟକ, କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶର କିଷାନ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ରକ୍ତଦାତାଙ୍କୁ ମାନପତ୍ର ଦେଇ ଉତ୍ସାହିତ କରିଥିଲେ। ଶିବିରରେ କୁଚିଣ୍ଡା ରକ୍ତଭଣ୍ଡାର ଟେକ୍ନିସିଆନ ମାନସ କୁମାର ମୋହାଲ, ପ୍ରମୋଦ କୁମାର ପଟେଲ, କର୍ମଚାରୀ ପ୍ରକାଶ ଶ୍ରୀଧର, ମିତ୍ର ବେହେରା ରକ୍ତସଂଗ୍ରହ କରିଥିଲେ। ଏଥିରେ ୫୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ରକ୍ତଦାନ ଶିବିର ପରିଚାଳନାରେ ମାରୱାଡ଼ି ଯୁବାମଞ୍ଚର ଅତିଶ ମିତ୍ତଲ, କୋଷାଧ୍ୟକ୍ଷ ଚେତନ ଅଗ୍ରୱାଲଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# 'ଶିକ୍ଷା ଅବ୍ୟବସ୍ଥାରୁ ଅଞ୍ଚଳ ପଛୁଆ'

ବଲାଙ୍ଗୀର,୨୨।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପତିତପାବନ ଏକାଡେମୀର ହୀରକ ଜୟନ୍ତୀ ସମାରୋହ ରବିବାର ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟା ଅଧିବେଶନରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ତାଙ୍କ ଅଭିଭାଷଣରେ ଶିକ୍ଷା ଅବ୍ୟବସ୍ଥାରୁ ବଲାଙ୍ଗୀର ସମେତ ପଶ୍ଚିମ ଓଡିଶା ପଛୁଆ ହୋଇ ରହିଛି ବୋଲି କହିଥିଲେ। ପ୍ରାଚୀନ କାଳରେ ଏହି ଅଞ୍ଚଳ ଏକ ସମୃଦ୍ଧ ଅଞ୍ଚଳ ଭାବେ ଖ୍ୟାତି ଅର୍ଜନ କରିଥିବା ଇତିହାସରୁ ଜଣାପଡେ। ବଲାଙ୍ଗୀରର ରାଣୀପୁର-ଝରିଆଲ ଏବଂ ଗନ୍ଧମାର୍ଦ୍ଦନ ପାହାଡରେ ଦୁଇଟି ବିଶ୍ୱବିଦ୍ୟାଳୟ ରହିଥିଲା। ବାହାର ଦେଶରୁ ଏଠାକୁ ଲୋକେ ପାଠ ପଢ଼ିବାକୁ ଆସୁଥିବା କଥା ଇତିହାସରୁ ଜଣାପଡିଛି। ତେବେ ରାଜାରାଜୁଡା ଶାସନ ସମୟରେ ଏହି ଅଞ୍ଚଳର ଶିକ୍ଷା ବ୍ୟବସ୍ଥା ଧ୍ୱଂସ ପାଇଲା ଏବଂ ଏହି ଅଞ୍ଚଳ ଅର୍ଥନୈତିକ ଦିଗରେ ପଛୁଆ ହୋଇଗଲା ବୋଲି ପୂର୍ବତନ ବିଧାୟକ ମିଶ୍ର କହିଥିଲେ। ସମ୍ମାନିତ ଅତିଥି ଭାବେ ସମ୍ବାଦର ପୂର୍ବତନ ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ ପୁରାତନ ଛାତ୍ର ବିଦ୍ୟାଳୟର ଅମୂଲ୍ୟ ସମ୍ପଦ ବୋଲି କହିଥିଲେ। ମୁଖ୍ୟବକ୍ତା ପ୍ରଶାସନିକ ଅଧିକାରୀ ତଥା କବି ନିହାର ରଞ୍ଜନ ଦାଶ କୋଶଲୀ ଭାଷାର ସାମ୍ବିଧାନିକ ସ୍ୱୀକୃତି ଏବଂ ମାତୃଭାଷାରେ ଶିକ୍ଷାଦାନ ଉପରେ କହିଥିଲେ। ପୁରାତନ ଛାତ୍ର ସନ୍ତକ ବହିଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନ୍ୟତମ ଅତିଥି ଭାବେ ବଲାଙ୍ଗୀର ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକନାଥ ସୁନା, ବିଦ୍ୟାଳୟ ପ୍ରଧାନଶିକ୍ଷକ ସିନୁ ସୁନ୍ଦର ପାଢ଼ୀ, ଆଲୁମନି ଆସୋସିଏଶନ୍‌ର ଦଣ୍ଡାନନ୍ଦ ପଣ୍ଡା ମଞ୍ଚାସୀନ ଥିଲେ । ସଭା କାର୍ଯ୍ୟକୁ ସତ୍ୟ ମିଶ୍ର ସଂଯୋଜନା କରିଥିଲେ।

ସକାଳ ଅଧିବେଶନରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ଏମ୍‌ପି ନିରଞ୍ଜନ ବିଶି, ସମ୍ମାନିତ ଅତିଥି ଭାବେ ଅରବିନ୍ଦ ଦାସ, ମୁଖ୍ୟବକ୍ତା ଭାବେ ଭିମସାର ପୂର୍ବତନ ନିର୍ଦ୍ଦେଶକ ଅଶ୍ୱିନୀ ପୂଝାରୀ ମଞ୍ଚାସୀନ ହୋଇଥିଲେ। ମୁଖ୍ୟବକ୍ତା ପୂଜାରୀ ସ୍ୱାଭିମାନ ଏବଂ କର୍ତ୍ତବ୍ୟନିଷ୍ଠାରୁ ସଫଳତା ମିଳିଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଦାସ ବିଦ୍ୟାଳୟର ସମୃଦ୍ଧ କ୍ରୀଡା ସଫଳତା ସମ୍ପର୍କରେ କହିଥିଲେ। ଏହି ଅବସରରେ ସ୍କୁଲର ପୂର୍ବତନ ଶିକ୍ଷକ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୨୧ରୁ ୨୦୨୪ ବର୍ଷ ମଧ୍ୟରେ ଇଂରାଜୀରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରମାନଙ୍କୁ ସ୍କୁଲର ପୁରାତନ ଛାତ୍ର କଲୋନେଲ ବିଶ୍ୱଜିତ ଦାସ ନିଜ ପିତାଙ୍କ ସ୍ମୃତିରେ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ଆନ୍ତଃ ସ୍କୁଲ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପୁରାତନ ଛାତ୍ର ସଂଘ ସଭ୍ୟ ଯୋଗେଶ୍ୱର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାକୁ ସ୍ମରଣିକା କମିଟି ସଂଯୋଜକ ମନୋରଞ୍ଜନ ସାହୁ ସଂଯୋଜନା କରିଥିଲେ। ଶେଷରେ ଆଲୁମନି କମିଟିର ସଭ୍ୟ ଶରତ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମାରୋହରେ ସ୍କୁଲର ପୁରାତନ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।


ପିପି ଏକାଡେମୀ ହୀରକ ଜୟନ୍ତୀ ଉଦ୍‌ଯାପନୀ ଉତ୍ସବର ମଞ୍ଚାସୀନ ଅତିଥି।

**ପତିତପାବନ ଏକାଡେମୀ ହୀରକ ଜୟନ୍ତୀ ଉଦ୍‌ଯାପିତ**

## ରେଙ୍ଗାଲିରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ବିରୋଧ


ପ୍ଲାକାର୍ଡ ଧରି ଗ୍ରାମବାସୀ ବିରୋଧ ପ୍ରଦର୍ଶନ କରୁଛନ୍ତି।

ଲୋଇସିଂହା,୨୨।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ବ୍ଲକ ଅନ୍ତର୍ଗତ ରେଙ୍ଗାଲି ଗ୍ରାମରେ ବିରୋଧ କରାଯାଇଥିବା ଜଣାଯାଇଛି। ଶନିବାର ଲୋଇସିଂହା ବ୍ଲକ ରେଙ୍ଗାଲି ଗ୍ରାମର ରାମଲୀଳା ମଣ୍ଡପ ଭିତ୍ତିପ୍ରସ୍ତର ସ୍ଥାପନ କରିବା ପାଇଁ ମନ୍ତ୍ରୀ ମହାଲିଙ୍ଗ ଗ୍ରାମକୁ ଯାଇଥିଲେ । ସେଠାରେ ତାଙ୍କୁ ସ୍ଥାନୀୟ ବାସିନ୍ଦା ପ୍ଲାକାର୍ଡ ଦେଖାଇ ବିରୋଧ କରିଥିବା ଦେଖିବାକୁ ମିଳିଥିଲା। ଗ୍ରାମର ପ୍ରମୁଖ ସମସ୍ୟା ଯଥା ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି, ସ୍ଥାୟୀ ବିଦ୍ୟୁତ୍ ଯୋଗାଣ ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଗ୍ରାମବାସୀ ଲିଖିତ ଭାବେ ପୂର୍ବରୁ ମନ୍ତ୍ରୀଙ୍କୁ ତାଙ୍କ ନଅଗାଁ(ଖ) ସ୍ଥିତ ବାସଭବନ ଏବଂ ବଲାଙ୍ଗୀରସ୍ଥିତ ସର୍କିଟ ହାଉସରେ ସାକ୍ଷାତ କରି ଦାବିପତ୍ର ଦେଇଥିଲେ । ତେବେ ସେ ଦିଗରେ ମନ୍ତ୍ରୀ କୌଣସି ପଦକ୍ଷେପ ନେଇ ନ ଥିବା ଗ୍ରାମବାସୀ ହୃଦବୋଧ କରିବା ପରେ ଶନିବାର ମନ୍ତ୍ରୀଙ୍କୁ ବିରୋଧ କରିଥିବା ଜଣାଯାଇଛି। ବିରୋଧ କରାଯିବ ବୋଲି ପୋଲିସ ପୂର୍ବରୁ ଜାଣି ଗ୍ରାମର ଡି. ସାହୁଙ୍କୁ ଘରୁ ଉଠାଇ ନେଇ ଥାନାରେ ଅଟକ ରଖିଥିଲା। ଏହାସତ୍ତ୍ୱେ ଗ୍ରାମବାସୀ ପୋଲିସ ଉପସ୍ଥିତିରେ ମନ୍ତ୍ରୀଙ୍କୁ ପ୍ଲାକାର୍ଡ ଦେଖାଇ ଦାବି ଉପସ୍ଥାପନା କରିଥିବା ଜଣଯାଇଛି।

**ସଂକ୍ଷେପରେ**

## ବାର୍ଷିକ କ୍ରୀଡ଼ା ଉତ୍ସବ

ଲୋଇସିଂହା,୨୨।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ତଳିଉଡ଼ାର ଚିନ୍ତାମଣି ହାଇସ୍କୁଲ ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ମିଶ୍ରଙ୍କ ତତ୍ତ୍ୱାବଧାନରେ ଓ ଖେଳ ଶିକ୍ଷକ ସନ୍ତୋଷ ଶତପଥୀଙ୍କ ପରିଚାଳନାରେ ଦୁଇ ଦିନ ଧରି ଉତ୍ସବ ଅନୁଷ୍ଠିତ ହୋଇଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ କୁଶଙ୍ଗ ଏସବିଆଇ ଶାଖା ପରିଚାଳକ ଏ. ମହାଳିକ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ।

## ଶିଶୁ ମନ୍ଦିରରେ ମାଗଣା ସ୍ୱାସ୍ଥ୍ୟ ଶିବିର

ଲୋଇସିଂହା,୨୨।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ବଲାଙ୍ଗୀର ମାହେଶ୍ୱରୀ ସଂଗଠନ ଏବଂ ରାୟପୁରର ଏକ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ରବିବାର ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରକୁ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅଞ୍ଚଳବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ ଦିଗରେ ସେ ସର୍ବାଦା ଚେଷ୍ଟିତ ବୋଲି ମନ୍ତ୍ରୀ ମହାଲିଙ୍ଗ କହିଥିଲେ। ରାୟପୁର ଆର.କେ କେୟାର ହସ୍ପିଟାଲର ଭେଷଜ, ହୃଦ୍‌ରୋଗ, ଅସ୍ଥି, ମେଡିସିନ ବିଭାଗ ବିଶେଷଜ୍ଞ ଡାକ୍ତର ଉପସ୍ଥିତ ରହି ୩୬୪ ରୋଗୀଙ୍କ ସ୍ୱାସ୍ଥ୍ୟପରୀକ୍ଷା କରି ପରାମର୍ଶ ଦେଇଥିଲେ । ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମେତ ସ୍ଥାନୀୟ ସରପଞ୍ଚ ନବକିଶୋର ନାଏକ, ଶିଶୁ ମନ୍ଦିର ପରିଚାଳନା କମିଟି ସଭ୍ୟ ଉପସ୍ଥିତ ରହିଥିଲେ । ଶିବିରକୁ ଲୋଇସିଂହା ,ଆଗଲପୁର ଏବଂ ବଲାଙ୍ଗୀର ମାହେଶ୍ୱରୀ ସଂଗଠନର କର୍ମକର୍ତ୍ତା ପରିଚାଳନା କରିଥିଲେ।

# ପ୍ୟାକ୍ସରେ ସ୍ୱାଭାବିକ ଭାବେ ଧାନ କ୍ରୟ କରିବାକୁ ନିର୍ଦ୍ଦେଶ

ଦେଓଗାଁ,୨୨।୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ବିଭିନ୍ନ ଧାନ ମଣ୍ଡିକୁ ସ୍ଥାନୀୟ ବିଧାୟକ କଳିକେଶ ନାରାୟଣ ସିଂଦେଓ ପରିଦର୍ଶନ କରିଛନ୍ତି। ବ୍ଲକର କୁତୁର୍ଲା, ବଡବନ୍ଧ, ସାରସମାଲ, କୁଠୁର୍ଲା ଓ ଗାଇବାହାଲସ୍ଥିତ ଧାନ ମଣ୍ଡିକୁ ଯାଇ ଚାଷୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ବ୍ଲକର ପ୍ରାୟତଃ ମଣ୍ଡିରେ ଏପର୍ଯ୍ୟନ୍ତ ଠିକ ଭାବେ ଧାନ କ୍ରୟ କରାଯାଇନାହିଁ । ଏହାଛଡା ଏଫଏକ୍ୟୁ ମାନର ଧାନ ନ ଥିବା ଦର୍ଶାଇ ଚାଷୀଙ୍କ ଧାନ କିଣୁ ନ ଥିବା ବେଳେ ଯେଉଁ ଚାଷୀ ୫ କେଜି ଧାନ କଟ୍‌ନିରେ ରାଜି ଉକ୍ତ ଚାଷୀର ଧାନ କ୍ରୟ କରାଯାଉଛି ବୋଲି ଚାଷୀ ମାନେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏଥିସହ ଚଳିତବର୍ଷ ହଠାତ ଜରିବସ୍ତା ବଦଳରେ ଅଖା ବସ୍ତାରେ ଧାନ ଆଣିବା ପାଇଁ କହିବାରୁ ଅନେକ ଚାଷୀ ବସ୍ତା ସମସ୍ୟାର ସମ୍ମୁଖୀନ ହୋଇଥିବା ଅଭିଯୋଗ କରିଥିଲେ। ଅଞ୍ଚଳର ଚାଷୀମାନେ ଆଜିକୁ ପ୍ରାୟ ମାସେ ହେଲା ଧାନ ଅମଳ କରିସାରିଥିବା ବେଳେ ମିଲର୍ସ, ବିଭାଗୀୟ ଅଧିକାରୀ ଓ ପ୍ୟାକ୍ସ କର୍ତ୍ତୃପକ୍ଷ ଙ୍କ ମଧ୍ୟରେ ଠିକ ବୁଝାମଣା ହୋଇ ନ ଥିବାରୁ ଧାନ ମଣ୍ଡି ଖୋଲିବାରେ ଅହେତୁକ ବିଳମ୍ବ ହୋଇଥିଲା । ଫଳରେ ଅନେକ ଚାଷୀ ମଣ୍ଡିରେ ଧାନ ବିକ୍ରି କରି ନପାରି ବାଧ ହୋଇ ବେପାରୀଙ୍କ ହାତକୁ ଧାନ ଟେକି ଦେଇଥିବା ଅଭିଯୋଗ ଉଠାଇଥିଲେ । ବିଧାୟକଙ୍କ ଉପସ୍ଥିତିରେ ଏସିଏସଓ ବିଭିନ୍ନ ଧାନ ମିଲକୁ ଫୋନ କରି ଜରି ବସ୍ତାରେ ଥିବା ଧାନ ଉଠାଇବାକୁ କହିଥିଲେ । ତେବେ ପରବର୍ତ୍ତୀ ସମୟରେ ଚାଷୀମାନଙ୍କୁ ଅଖା ବସ୍ତାରେ ଧାନ ଆଣିବା ପାଇଁ ଅନୁରୋଧ କରିଥିଲେ। ଚାଷୀଙ୍କ ଏଭଳି ସମସ୍ୟା ଉପରେ ବିଧାୟକ ସିଂଦେଓ ଅବଗତ ହେବା ପରେ ପ୍ରଶାସନିକ ଅଧିକାରୀଙ୍କ ଉପରେ ବିରକ୍ତ ଭାବ ପ୍ରକାଶ କରିଥିଲେ। ଏହାଛଡା ସୋମବାରଠାରୁ ସମସ୍ତ ପ୍ୟାକ୍ସରେ ସ୍ୱାଭାବିକ ଭାବେ ଚାଷୀ ଧାନ କ୍ରୟ କରିବା ପାଇଁ ଏସିଏସଓ ଶରତ ରାଉତଙ୍କୁ କଡା ନିର୍ଦ୍ଦେଶ ଦେଇଥିଲେ । ଏଥିସହ ଚାଷୀଙ୍କଠାରୁ ଯେମିତି କୌଣସି ଅଭିଯୋଗ ନ ଆସେ ସେ ଦିଗରେ ଯତ୍ନବାନ ହେବା ପାଇଁ ତାଗିଦ କରିଥିଲେ । ଏହି ଅବସରରେ ଦେଓଗାଁ ବ୍ଲକ ଯୋଗାଣ ନିରୀକ୍ଷକ ଗୋକୁଳ ଚନ୍ଦ୍ର ଭୋଇ, ବରିଷ୍ଠ ବିଜେଡି ନେତା ଲକ୍ଷ୍ମଣ କୁମାର ମେହେର, ବ୍ଲକ ବିଜେଡି ସଭାପତି ଶୁଶିଲ କୁମାର ଚାନ୍ଦ, କୁତୁର୍ଲା ପ୍ୟାକ୍ସ ସଭାପତି ନିଳାମ୍ବର ପାଣିଗ୍ରାହୀ, ଦେଓଗାଁ ପ୍ୟାକ୍ସ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ସାରସମାଲ ପ୍ୟାକ୍ସ ସଭାପତି ଗୋପୀନାଥ ବାଗଙ୍କ ସମେତ ଚାଷୀମାନେ ଉପସ୍ଥିତ ଥିଲେ।


ବିଧାୟକ ଧାନ ମଣ୍ଡି ପରିଦର୍ଶନ କରୁଛନ୍ତି।

**ଦେଓଗାଁ ବ୍ଲକ**
**ଧାନମଣ୍ଡି ପରିଦର୍ଶନ କଲେ ବିଧାୟକ**

## ଜୟହିନ୍ଦ ପବ୍ଲିକ ସ୍କୁଲ ବାର୍ଷିକ କ୍ରୀଡ଼ା




ଲାଠୋର,୨୨।୧୨(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଜୟହିନ୍ଦ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ରବିବାର ଠାରୁ ଆରମ୍ଭ ହୋଇଛି। ପ୍ରଧାନ ଶିକ୍ଷକ ସୁବଳ କୁମାର ବାଗଙ୍କ ତତ୍ତ୍ୱାବଧାନରେ ଦୁଇ ଦିନ ଧରି ଚାଲିବାକୁ ଥିବା କ୍ରୀଡ଼ାରେ ୨ ଶହ ଛାତ୍ରୀଛାତ୍ର ଭାଗ ନେଇଛନ୍ତି । ପ୍ରଥମେ ଗ୍ରାମର ବସ୍ତରେନ ଗୁଡ଼ିରେ ପୂଜାର୍ଚ୍ଚନା କରି ଛାତ୍ରମାନେ ମଶାଲ ଯାତ୍ରାରେ ଗ୍ରାମ ପରିକ୍ରମା କରି ଖେଳ ପଡ଼ିଆରେ ସ୍ଥାପନ କରିଥିଲେ । ପରେ ମୁଖ୍ୟଅତିଥି ଭାବେ ଶଙ୍କରଲାଲ ଅଗ୍ରୱାଲ ଯୋଗଦେଇ କ୍ରୀଡ଼ା ଉତ୍ସବ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ପଙ୍କଜ ଅଗ୍ରୱାଲ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରଥମ ଦିନରେ ଦୌଡ, ସଟପୁଟ, ଡିସକସ୍ ଥ୍ରୋ, ଗଣିତ ଦୌଡ, ଲମ୍ଫଡିଆଁ, ଉଚ୍ଚଡ଼ିଆଁ ଆଦି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଶିକ୍ଷକ ଧନସାଇ ସାହୁ କ୍ରୀଡା ପରିଚାଳନା କରିଥିଲେ । ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ ।



ମହୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ଶିଶୁ ମହୋତ୍ସବ ପାଳିତ

ମୁରିବାହାଲ,୨୨।୧୨(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ତରଫରୁ ଶନିବାର ଦିନ ବଡ଼ସାଇମରା ସ୍ୱାମୀ ବିବେକାନନ୍ଦ ହାଇସ୍କୁଲଠାରେ ଶିଶୁ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ମୁରିବାହାଲ ବ୍ଲକର ୧୦ଟି ବିଦ୍ୟାଳୟର ୧୦୦ ଜଣ ପ୍ରତିଯୋଗୀ ବକ୍ତୃତା, ସଙ୍ଗୀତ, ରଚନା, ତର୍କ, ଆବୃତ୍ତି, ଗଳ୍ପ ଲିଖନ, ଏକକ ଲିଖନ, ଏକକ ନୃତ୍ୟ, ସାଧାରଣ ଜ୍ଞାନ, କୁଇଜ ପ୍ରଭୃତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରଥମରୁ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଛି। ପ୍ରଥମ ହୋଇଥିବା ପ୍ରତିଯୋଗୀମାନଙ୍କୁ ୨୩ ତାରିଖ ସୋମବାର ହେବାକୁ ଥିବା ଜିଲାସ୍ତରୀୟ ଶିଶୁ ମହୋତ୍ସବ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଛି । ମୁରିବାହାଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ହରିବନ୍ଧୁ ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ମୁରିବାହାଲ ଓଷ୍ଟା ସଂଘର ସଭାପତି ବିନୋଦ ବିହାରୀ ମହାପାତ୍ର ସଭାପତିତ୍ୱ କରିଥିଲେ। ଭାଜପା ଜିଲ୍ଲା ସଭାପତି ଶିବାଜୀ ମହାନ୍ତି ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବରେ ଜିଲା କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ପୁଟେଲ, ବଡ଼ସାଇମରା ଗ୍ରାମ ପଞ୍ଚାୟତ ସରପଞ୍ଚ ଶୁକମଣି ପୁଟେଲ, ସ୍କୁଲ ପରିଚାଳନା କମିଟି ସମ୍ପାଦକ ଅରୁଣ ପାତ୍ର, ସ୍କୁଲର ପ୍ରଧାନଶିକ୍ଷକ ଲକ୍ଷ୍ମଣ କୁମାର ବୁଡ଼େକ, ଓଷ୍ଟା ସଂଘ ସମ୍ପାଦକ ରାଜୀବ କୁମାର ମହାନ୍ତି, ସମିତି ସଭ୍ୟ ସୁମିତ୍ରା ମାଝୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଭାଜପା ଜିଲା ସାଧାରଣ ସମ୍ପାଦକ ଶ୍ରୀବତ୍ସ ବେହେରା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ବିକାଶରେ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶୁଭେନ୍ଦୁ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ତରୁଣ ପୋଢ, ଯଶୋବନ୍ତ ସାହୁ, ଅଭିମନ୍ୟୁ ପଧାନ ପ୍ରମୁଖ ସହଯୋଗ କରିଥିଲେ ।

# ଦେଶର ପ୍ରଗତିରେ ସହାୟକ ହେବାକୁ ଆହ୍ୱାନ

ଲାଠୋର,୨୨।୧୨(ଭୁବନେଶ୍ୱର ବାରିକ)

ଅନୁସୂଚିତ ଜାତି ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଲାଙ୍ଗୀର ଜିଲା ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ପାଟଣାଗଡ଼ ଉପଜିଲାପାଳ ସୁନୀଲ ମେହେର ଓ ସମ୍ମାନିତ ଅତିଥି ଭାବେ ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ , ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଯୋଗ ଦେଇଥିଲେ। ଉତ୍ସବରେ ପଦ୍ମପୁର ଅଞ୍ଚଳ କଲେଜ ଅର୍ଥଶାସ୍ତ୍ର ବିଭାଗ ଅଧ୍ୟାପିକା ଡ଼.ମମତାମୟୀ ଗୁରୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭଲ ପାଠପଢି ଦେଶର ପ୍ରଗତିରେ ସହାୟକ ହେବାକୁ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ପାଟଣାଗଡ଼ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ବଂଶୀଧର କିଷାନ, ଖପ୍ରାଖୋଲ ମଙ୍ଗଳ ସଂପ୍ରସାରଣ ଅଧିକାରିଣୀ ପ୍ରତୀକ୍ଷା ସାହୁ, ଏସଏମସି ଚେୟାରମ୍ୟାନ ଜୟରାମ ଧରୁଆ, ଉପମୁଖ୍ୟମନ୍ତ୍ରୀଙ୍କ ବିଦ୍ୟାଳୟ ପ୍ରତିନିଧି ଦଶରଥ ପାଣିଗ୍ରାହୀ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଭୁଗୋଳ ବନଗୁଲା ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ଶିକ୍ଷକ ଛବିଳ ବେହେରା ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଛାତ୍ରୀଛାତ୍ରମାନେ ସମ୍ବଲପୁରୀ ନୃତ୍ୟ ସହ ପାରମ୍ପରିକ ଆଦିବାସୀ ନୃତ୍ୟ ପ୍ରଦର୍ଶନ କରି ମନ ମୋହିଥିଲେ। ଶିକ୍ଷକ ଶିଶିର ସେଟ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପକ ପ୍ରମୋଦ କୁମାର ଦେବତା ଧନ୍ୟବାଦ ଦେଇଥିଲେ।



ବାର୍ଷିକ ଉତ୍ସବରେ ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ।

# 'ବୈଜ୍ଞାନିକ ପଦ୍ଧତିରେ ଜଳ ପରିଚାଳନା ଶିଖିବା ଜରୁରୀ'

ବଲାଙ୍ଗୀର,୨୨।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଶାନ୍ତିପଡା ସ୍ଥିତ କଲ୍ୟାଣମଣ୍ଡପ ଠାରେ ଉଠା ଜଳସେଚନ ବିଭାଗ ଆନୁକୂଲ୍ୟରେ ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଛି। ଉଠା ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ସଚ୍ଚିଦାନନ୍ଦ ଦଲାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଜିଲା ପରିଷଦ ସଭାପତି ଦେବକୀ ସାହୁ ଯୋଗଦେଇ ପାଣି ପଞ୍ଚାୟତର ଆବଶ୍ୟକତା ଏବଂ ପରିଚାଳନାରେ ସହଯୋଗିତା ଉପରେ କହିଥିଲେ। ଅନ୍ୟତମ ଅତିଥି ଭାବେ ବଲାଙ୍ଗୀର କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ଡ. ସତ୍ୟମୟ ଶତପଥୀ, ଜିଲା ମୁଖ୍ୟ କୃଷି ଅଧିକାରୀ ବାବୁଲି ସେଠୀ, ନାବାର୍ଡ ଡିଡିଏମ୍ ବିବେକ କୁମାର ନାଏକ, ଉଦ୍ୟାନ କୃଷି ଅଧିକାରୀ ସୁଚିସ୍ମିତା ମେହେର, ଜିଲା କୃଷି ଅଧିକାରୀ ସୁଧାକର ନନ୍ଦ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅପର୍ଣ୍ଣା ମିଶ୍ର ମଞ୍ଚାସୀନ ଥିଲେ। ଅତିଥିମାନେ କୃଷି ପାଇଁ ନୂତନ ବୈଜ୍ଞାନିକ ପଦ୍ଧତି ଓ ଜଳ ପରିଚାଳନା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଉଠା ଜଳସେଚନ ବିଭାଗ ପକ୍ଷରୁ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ଅର୍ଥରାଶି ଦେଇ ମୁଖ୍ୟ ଅତିଥି ସାହୁ ପୁରସ୍କୃତ କରିଥିଲେ। ଏହି ସମାରୋହରେ ଉଠା ଜଳସେଚନ ବିଭାଗ ଅଧିକାରୀ ଦିନେଶ କୁମାର ସାଣ୍ଡିଲ, ଘନଶ୍ୟାମ ସାହୁ, ବଳରାମ ବେହେରା, ଇଂ ସନ୍ଦୀପ ମିଶ୍ର, ଇଂ ସତ୍ୟବାନ ଜେନା, ଇଂ ରଶ୍ମିତ ମେହେର, ଇଂ ଭାବଗ୍ରାହୀ ନାୟକ, ଇଂ ରେବତୀ ମେହେର, ଇଂ ଯୁଧିଷ୍ଠିର ଭୁଏ ସହଯୋଗ କରିଥିଲେ। ଶେଷରେ କିରଣବାଲା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ବଲାଙ୍ଗୀର ଉଠା ଜଳସେଚନ ବିଭାଗ ପକ୍ଷରୁ ଆୟୋଜିତ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ମଞ୍ଚାସୀନ ଅତିଥି।

**ପାଣି ପଞ୍ଚାୟତ ପକ୍ଷ ପାଳିତ**

# ଦୃଢ଼ ଆତ୍ମବିଶ୍ୱାସ ଶ୍ରେଷ୍ଠସ୍ଥାନରେ ପହଞ୍ଚାଏ

ଅମରପାଲି,୨୨।୧୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟର ୪୪ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ. ହିମାଂଶୁ ଶେଖର ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ମୁଖ୍ୟ ଅତିଥି, ବିନିକା ସିଦ୍ଧାର୍ଥ ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ଡ. ଧ୍ରୁବେନ୍ଦ୍ର କୁମାର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବୀରମହାରାଜପୁର ପଞ୍ଚାୟତ ସମିତି ଅଧକ୍ଷା ଶାନ୍ତି ଲୁହା, ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀ ଓ ମହାବିଦ୍ୟାଳୟ ଇଂଲିଶ ବିଭାଗ ପ୍ରଧାପିକା ଗୀତାଞ୍ଜଳି ପୂଜାରୀ ଯୋଗଦେଇଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ ପରିଶ୍ରମ ଓ ଆତ୍ମବିଶ୍ୱାସ ଶ୍ରେଷ୍ଠ ସ୍ଥାନରେ


ଅତିଥିମାନେ ପ୍ରାଚୀରପତ୍ର ଭୂମାକୁ ଉନ୍ମୋଚନ କରୁଛନ୍ତି।

ପହଞ୍ଚାଇଥାଏ ବୋଲି ମତ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟ ମୁଖପତ୍ର ଭୂମା ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ଏଥିସହ ସ୍ମୃତିଫଳକ ଦେଇ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରାଣୀ ବିଜ୍ଞାନର ବିଭାଗୀୟ ମୁଖ୍ୟ ସଞ୍ଜିତ କୁମାର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ କ୍ରିକେଟ ଟର୍ନାମେଣ୍ଟରେ ବିଜୟୀ ଯୁକ୍ତ ୨ ବିଜ୍ଞାନ ଓ ଯୁକ୍ତ ୩ ବିଜ୍ଞାନ ଦଳକୁ ସମ୍ବର୍ଦ୍ଧିତ କରାଯାଇଥିଲା।

ସେହିପରି ବାର୍ଷିକ କ୍ରୀଡ଼ାରେ ଚାମ୍ପିୟନ ଯୁକ୍ତ ୨ ବାଳକ ବିଭାଗରେ ଅଣାକାର ସାହୁ ଓ ବାଳିକା ବିଭାଗରେ ନମିତା ଜଗଦଲା, ଯୁକ୍ତ ୩ବାଳକ ବିଭାଗରେ ଆଶିଷ ଜଗଦଲା ଓ ବାଳିକା ବିଭାଗରେ ପ୍ରିୟଙ୍କା ପ୍ରିୟଦର୍ଶିନୀ ଭୋଇଙ୍କୁ ପୁରସ୍କୃତ କରାଯାଇଥିଲା। ଏମାନଙ୍କ ସହ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ଡ. ବନ୍ଦିତା ବିଶାଳ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପିକା ଯାମିନୀ ଦାଶ ମଞ୍ଚପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ବିଜୟ କୁମାର ପଧାନ, ଅଧ୍ୟାପିକା ହରପ୍ରିୟା ମହାପାତ୍ର, ଅଧ୍ୟାପକ ନରେନ୍ଦ୍ର ଝା, ଜିତେନ୍ଦ୍ର ସାହୁ, ମାଧବ ପଧାନ, ଅଧ୍ୟାପିକା ସୁପ୍ରଭା ନନ୍ଦ, ଅଧ୍ୟାପିକା ନୀତାରାଣୀ ପଧାନ, ଅଧ୍ୟାପିକା ମାଳତୀ ନାଏକ, ଅଧ୍ୟାପକ ପ୍ରଭାତ ପୁରୋହିତ, ଅଧ୍ୟାପିକା ବିଦ୍ୟୁତପ୍ରଭା ରଥ, ଅଣଶିକ୍ଷା କର୍ମଚାରୀ ସୁବାଷ ଚନ୍ଦ୍ର ଶତପଥୀ, ଚିନ୍ମୟ ପଣ୍ଡା, ଜଗଦୀଶ ସାହୁ, ବରୁଣ କଲତା, ଦିବାକର ଭୋଇ, ନବୀନ ଖଣ୍ଡାୟତ, ପ୍ରଫୁଲ୍ଲ କୁମାର ପଧାନ, ଶ୍ରୀରାମ ଦେହୁରୀ, କଳାକାହ୍ନୁ ପଧାନ ସହଯୋଗ କରିଥିଲେ।

### ବୀରମହାରାଜପୁର କଲେଜର ବାର୍ଷିକ ଉତ୍ସବ

# ଅସୁରମୁଣ୍ଡା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ


ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ସୋନପୁର,୨୨।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ବ୍ଲକ ଲଛିପୁର ପଞ୍ଚାୟତ ଅନ୍ତର୍ଗତ ଅସୁରମୁଣ୍ଡା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବୃନ୍ଦାବନ ବଡ଼େଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂହ ମୁଖ୍ୟ ଅତିଥିଭାବେ ଯୋଗଦେଇ ବାର୍ଷିକ ଉତ୍ସବ ଛାତ୍ରୀଛାତ୍ରଙ୍କ ପ୍ରତିଭାର ପରିପ୍ରକାଶ କରିଥାଏ ବୋଲି କହିଥିଲେ। ବଲାଡି ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ଜଳେନ୍ଦ୍ର ସାହୁ ମୁଖ୍ୟବକ୍ତା, ସୋନପୁର ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୌରଭ ଦାନୀ, ଲଛିପୁର ସିଆରସିସି ପ୍ରଫୁଲ୍ଲ କୁମାର ବିଶ୍ୱାଳ ଓ ବିଦ୍ୟାଳୟ ପରିଚାଳନା ସମିତିର ସଭାନେତ୍ରୀ ଗୌରୀ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଛାତ୍ରୀଛାତ୍ରଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶିକ୍ଷକ ଜିତେନ୍ଦ୍ର କୁମାର ରଣା ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ଚୈତନ୍ୟ ରଣା ଧନ୍ୟବାଦ ପ୍ରଦାନ କରିଥିଲେ। କୃତି ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟ ଅତିଥି ସିଂହ ପୁରସ୍କୃତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଗୀତିନାଟ୍ୟ 'ମେଘନାଦ ବଧ ପରିବେଷଣ କରା ଯାଇଥିଲା। ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରୀ ଭାବରେ ମୌସୁମୀ ଧରୁଆ ଓ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଗାର୍ଗୀ ଲୁଗୁନଙ୍କୁ ସମ୍ମାନିତ କରା ଯାଇଥିଲା। ଶିକ୍ଷକ ଶୈଳେଶ ରଥ, ସଞ୍ଜୟ ପଧାନ, ସୂର୍ଯ୍ୟକାନ୍ତି କର୍ମୀ, ଅର୍ଚ୍ଚନା ତ୍ରିପାଠୀ, ସୌଦାମିନୀ ସାହୁ, ମହେଶ୍ୱର ମେହେର, ବିଦ୍ୟାଳୟର ଅନୁଚର ଯତନ ନାଗ, ପ୍ରଭାସ ଦାସ, ଲତା ଧରୁଆ, କଳ୍ପନା ପୁଟା, ସବିତା ରାୟ, ସୁନିତା ରାୟ, ମେଟ୍ରୋନ ଗୀତାଞ୍ଜଳି ବାଦି ଓ ହରିପ୍ରିୟା ମେହେର ସହଯୋଗ କରିଥିଲେ।

# ତରଭା ଡାକ୍ତରଖାନା ସମସ୍ୟା ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ତରଭା, ୨୨।୧୨(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ଡାକ୍ତରଖାନାର ବିଭିନ୍ନ ସମସ୍ୟା ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ରବିବାର ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବରେ ଯୋଗଦେବାକୁ ଆସିଥିବା ଅବସରରେ ତରଭା ସାମ୍ବାଦିକ ସଂଘ ପକ୍ଷରୁ ମନ୍ତ୍ରୀ ଡ.ମହାଲିଙ୍ଗଙ୍କୁ ଏ ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ତରଭା ଡାକ୍ତରଖାନା ଉପରେ ତରଭା ସମେତ ପଡୋଶୀ ବଲାଙ୍ଗୀର ଜିଲାର ଲକ୍ଷାଧିକ ଲୋକେ ନିର୍ଭର କରିଥାନ୍ତି। ଏଠାରେ ୧୫ ଜଣ ଡାକ୍ତର ରହିବାସ୍ଥଳେ ଜଣେ ଆୟୁଷ ଡାକ୍ତରଙ୍କୁ ମିଶାଇ ୬ ଜଣ ଡାକ୍ତର ନିଯୁକ୍ତି ପାଇଛନ୍ତି। ଏମାନଙ୍କ ମଧ୍ୟରୁ ମେଡ଼ିସିନ ଓ ସ୍ତ୍ରୀ ଓ ପ୍ରସୂତି ବିଭାଗର ୨ ଜଣ ଡାକ୍ତର ଡେପୁଟେଶନରେ ଯାଇଛନ୍ତି। ସର୍ଜରୀ ବିଭାଗ ଡାକ୍ତର ଟ୍ରେନିଂରେ ଓ ଆୟୁଷ ଡାକ୍ତର ଭ୍ରାମ୍ୟମାଣ ଡ୍ୟୁଟିରେ ଅଛନ୍ତି। ଏହି ଡ଼ାକ୍ତରଖାନାରେ ଜଣେ ଦାନ୍ତ ଚିକିତ୍ସକ, ଜଣେ ଚକ୍ଷୁ ବିଶେଷଜ୍ଞ ଓ ୪ଜଣ ଏମ୍‌ବିବିଏସ ଡାକ୍ତର ପଦବୀ ପୂରଣ ହୋଇ ପାରୁନାହିଁ। ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ୍ସ-ରେ, ଅଲଟ୍ରାସାଉଣ୍ଡ ଓ ଇସିଜି ମେଶିନ ନଥିବାରୁ ରୋଗୀମାନେ ସ୍ୱାସ୍ଥ୍ୟ ପରୀକ୍ଷଣରୁ ବଞ୍ଚିତ ହେଉଛନ୍ତି। ସିବିସି ଯନ୍ତ୍ର ଓ ଜେନେରେଟର ଠିକ ଭାବେ ଚାଲୁନାହିଁ। ଦୀର୍ଘ ବର୍ଷ ହେଲା ଡାକ୍ତରଖାନାରେ ରହି ଚିକିତ୍ସିତ ହେଉଥିବା ରୋଗୀମାନଙ୍କୁ ରନ୍ଧା କିମ୍ବା ଶୁଖିଲା ଖାଦ୍ୟ ଦିଆଯାଉନାହିଁ। ଚିକିତ୍ସା ପାଇଁ ଆସୁଥିବା ଅନେକ ରୋଗୀଙ୍କୁ ସାଙ୍ଗେ ସାଙ୍ଗେ ବଲାଙ୍ଗୀର ପଠେଇ ଦିଆଯାଉଛି। ଡାକ୍ତରମାନଙ୍କ ୨୪ଘଣ୍ଟିଆ ରୋଟେଶନ ଯୋଗୁଁ ଆସୁଥିବା ରୋଗୀମାନେ ନିରାଶ ହେଉଛନ୍ତି। ଆସନ୍ତା ୩ ମାସ ମଧ୍ୟରେ ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ସମାଧାନ ହେବ ବୋଲି ମନ୍ତ୍ରୀ ଡ଼ ମହାଲିଙ୍ଗ ଦାବିପତ୍ର ଗ୍ରହଣ ଅବସରରେ କହିଥିଲେ।

# ଜଳର ବ୍ୟବହାରିକ ବାର୍ତ୍ତା ପ୍ରଚାର ପାଇଁ ଗଡ଼ିଲା ରଥ

ସୋନପୁର,୨୨।୧୨(ମୃତ୍ୟୁଞ୍ଜୟ ଶତପଥୀ)

ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ପକ୍ଷରୁ ଡିସେମ୍ବର ମାସ ୨୨ ତାରିଖରୁ ଜାନୁୟାରୀ ୫ ତାରିଖ ପର୍ଯ୍ୟନ୍ତ ପାଣି ପଞ୍ଚାୟତ ପକ୍ଷ ପାଳିତ ହେଉଛି। ଏହି କ୍ରମରେ ସୁବର୍ଣ୍ଣପୁର ଉଠା ଜଳସେଚନ ବିଭାଜନ ପକ୍ଷରୁ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ୨୦୨୪-୨୫ ରବିବାର ପାଳିତ ହୋଇଯାଇଛି। ସକାଳେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଜଳର ବ୍ୟବହାରିକ ବାର୍ତ୍ତା ପ୍ରଚାର ପାଇଁ ପାଣି ପଞ୍ଚାୟତ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲାର ସମସ୍ତ ଅଞ୍ଚଳ ବୁଲିବା ସହ ଜଳର ସୁବିନିଯୋଗ ବାର୍ତ୍ତା ପ୍ରଚାର କରିବ। ସେହିପରି ପୂର୍ବାହ୍ନରେ ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ପାଣି ପଞ୍ଚାୟତ ପକ୍ଷ ପାଳନର ଶୁଭାରମ୍ଭ ହୋଇଥିଲା। ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ମୁଖ୍ୟ ଅତିଥିଭାବେ ଯୋଗଦେଇ ପାଣି ପଞ୍ଚାୟତଗୁଡ଼ିକରେ କିପରି ଅଧିକରୁ ଅଧିକ କୃଷକମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇପାରିବ ସେଥିପ୍ରତି ଗୁରୁତ୍ୱାରୋପ କରିଥିଲେ। ଉଠା ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ


ଅତିଥି ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

### ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

ରବିନ୍ଦ୍ର କୁମାର ମାଝୀ ଏହି ସଚେତନତା ସଭାରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥିଭାବେ ସୋନପୁର କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ବିଶ୍ୱରଞ୍ଜନ ପଟ୍ଟନାୟକ, ସୁବର୍ଣ୍ଣପୁର ଟିପିଡବ୍ଲ୍ୟୁଓଡିଏଲର ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ମିଶ୍ର ଓ ସୋନପୁର କୃଷି ଜିଲା ଅଧିକାରୀ ଘନଶ୍ୟାମ ଦେହୁରୀ ପ୍ରମୁଖ ଯୋଗଦାନ କରି ଭାଗୀଦାରୀ ସେଚ ପରିଚାଳନା, ଜଳ ସଞ୍ଚୟ, ପ୍ରକଳ୍ପ ଅଞ୍ଚଳରେ ପାଣି ପଞ୍ଚାୟତ ଗଠନ, ମହିଳା ମାନଙ୍କ ପ୍ରତିନିଧିତ୍ୱ ବୃଦ୍ଧି, ଫସଲ ଉତ୍ପାଦନରେ ବୃଦ୍ଧି ଓ ଜଳ ସଂରକ୍ଷଣ ଏବଂ ଆବଣ୍ଟନ ବିଷୟରେ ବିଷଦ ଆଲୋଚନା କରିବା ସହ ଉପସ୍ଥିତ ଚାଷୀ ଓ ପାଣି ପଞ୍ଚାୟତ କର୍ମକର୍ତ୍ତାଙ୍କୁ ସଚେତନ କରିଥିଲେ। ଏଥିପାଇଁ ପୂର୍ବରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରଚନା ଲିଖନ, ବକ୍ତୃତା, କୁଇଜ୍, ପେଣ୍ଟିଂ ଓ ମୋଡେଲ ପ୍ରଦର୍ଶନୀ ପ୍ରତିଯୋଗିତା ଆୟୋଜିତ ହୋଇଥିଲେ। ଏଥିରେ ଅନ୍ୟାଶା ଦିକ୍ଷିତ, ପୂଜା ମଲ୍ଲିକ, ଝାନ୍ସି ମେହେର, ନନ୍ଦିନି ମେହେର, ଶୁଭମ ମେହେର, ଅର୍ଚ୍ଚନା ମହାନ୍ତି, କାଦମ୍ବିନୀ ପୂଜାରୀ, ସୁବାସିନୀ ପଧାନ, ଶ୍ରୀୟା ପ୍ରିୟଦର୍ଶିନୀ ମେହେର, ଲୁସି ସାହୁ, ରିତିକା ରଣା, ଜ୍ୟୋତ୍ସ୍ନାରାଣୀ ସେଠ୍, ଅର୍ଚ୍ଚିତା ସାହୁ, ସବ୍ୟସାଚୀ ପାଣିଗ୍ରାହୀ ଓ ଅନ୍ୟାସିନୀ କଲତାଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଲକ୍ଷ୍ମୀନାରାୟଣ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଇଂ. ସୁଶାନ୍ତ କୁମାର ସାମଲ, ଦିଲ୍ଲିପ କର, ଚନ୍ଦ୍ରମା ପିଙ୍ଗ ଓ ବିକାଶ ରମଣ ପ୍ରତାପ ରାଏ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଜିଲାର ୬ଟି ବ୍ଲକରୁ ପାଣି ପଞ୍ଚାୟତର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

# କମଣ୍ଡୋ-୧୧ ଭୁବନେଶ୍ୱର ଫାଇନାଲରେ


ମ୍ୟାନ ଅଫ ଦି ମ୍ୟାଚ ବିଶ୍ୱରଞ୍ଜନ ସାହୁଙ୍କୁ ପୁରସ୍କୃତ କରାଯାଉଛି।

ଅମରପାଲି,୨୨।୧୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମିରାରେ ଚାଲିଥିବା ୧୧ତମ ସୁଧୀର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ରବିବାର ମ୍ୟାଚରେ ଭଦ୍ରକକୁ ହରାଇ ଭୁବନେଶ୍ୱର ଫାଇନାଲରେ ପ୍ରବେଶ କରିଛି। ରବିବାର ପ୍ରଥମ ମ୍ୟାଚି ନୂଆପଡ଼ା ଓ କମଣ୍ଡୋ-୧୧ ଭୁବନେଶ୍ୱର ମଧ୍ୟରେ ହୋଇଥିଲା। ନୂଆପଡା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୮୦ରନ କରିଥିଲା। ଭୁବନେଶ୍ୱର ଦଳ ୭ ଓଭରରେ ୪ ଉଇକେଟ ହରାଇ ୮୧ ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଇମେଜ -୧୧ ଭଦ୍ରକ ଓ ପ୍ରଥମ ମ୍ୟାଚ ବିଜେତା ଭୁବନେଶ୍ୱର ମଧ୍ୟରେ ସେମିଫାଇନାଲ ମ୍ୟାଚ ହୋଇଥିଲା। ଏଥିରେ ଭଦ୍ରକ ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ହରାଇ ୧୨୬ ରନ କରିଥିଲା। ଭୁବନେଶ୍ୱର ଦଳ ୧୧.୪ ଓଭରରେ ୫ ଉଇକେଟ ହରାଇ ୧୨୭ ରନ କରି ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ସଚିନ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସିଆରସିସି କୌସ୍ତୁଭମଣୀ ଦାସ ମୁଖ୍ୟ ଅତିଥି ଏବଂ ସ୍ୱେଚ୍ଛାସେବୀ ଧରଣୀଧର ପାଢ଼ୀ, ଲକ୍ଷ୍ମି ୟୁପି ସ୍କୁଲର ପ୍ରଧାନଶିକ୍ଷକ ସପନ ପ୍ରଧାନ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଭୁବନେଶ୍ୱରର ବିଶ୍ୱରଞ୍ଜନ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ମଙ୍ଗଳବାର ତାଳଚେର ଓ କେନ୍ଦ୍ରାପଡ଼ା ମଧ୍ୟରେ ମ୍ୟାଚ ହେବ ବୋଲି ଆୟୋଜକଙ୍କ ତରଫରୁ ପ୍ରକାଶ।

### ସୁଧୀର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

# ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ୩ଶହ ରୋଗୀ ଚିକିତ୍ସିତ

ତରଭା, ୨୨।୧୨(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଡୁଲୁଣ୍ଡା ଏମଇ ସ୍କୁଲ ପରିସରରେ ରବିବାର ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଡୁଲୁଣ୍ଡା ଗ୍ରାମ ପଞ୍ଚାୟତ ଓ ବଲାଙ୍ଗୀର ସ୍ୱରାଜ ମଲ୍ଟି ସ୍ପେଶଲିଟି ହସ୍ପିଟାଲ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଛି। ଶିବିରରେ ଭେଷଜ, ଶିଶୁରୋଗ, ଚକ୍ଷୁ, କର୍ଣ୍ଣ, ନାଶା, ଗଳା, ଚର୍ମ ରୋଗ ବିଶେଷଜ୍ଞମାନେ ଉପସ୍ଥିତ ରହି ୩ଶହରୁ ଊର୍ଦ୍ଧ୍ୱ ପୀଡ଼ିତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବଣ୍ଟନ କରିଥିଲେ। ଶିବିରରେ ବଲାଙ୍ଗୀର ସ୍ୱରାଜ ହସ୍ପିଟାଲର ସୁଜ୍ଞାନେନ୍ଦ୍ର ମିଶ୍ର, ପୁଷ୍ପାଞ୍ଜଳି ମିଶ୍ର, ଶୈଳେଶ ମିଶ୍ର, କ୍ଷୀରାବଧି ନାଏକ, ଅସ୍ମିତା ଦଲାଲ, ଅବିନାଶ ତ୍ରିପାଠୀ ପ୍ରମୁଖ ବିଶେଷଜ୍ଞ ଡାକ୍ତର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଡୁଲୁଣ୍ଡା ଗ୍ରାମ ପଞ୍ଚାୟତର ସରପଞ୍ଚ ଉମା ସାହୁ, ରମେଶ ସାହୁ, ମୁରାରୀ ମିଶ୍ର, ବିବେକା ମିଶ୍ର, ଅଜିତ ପଧାନ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ସ୍ୱରାଜ ହସ୍ପିଟାଲ ମ୍ୟାନେଜର ପଙ୍କଜ ତିୱାରୀ, ଜ୍ଞାନରଞ୍ଜନ ମିଶ୍ର ମଞ୍ଜୁଲତା ମାଝୀ, ମାନସୀ ନନ୍ଦ, ରେଶମା ଛତ୍ରିଆ ପ୍ରମୁଖ ଔଷଧ ବଣ୍ଟନରେ ସହଯୋଗ କରିଥିଲେ।


ଡୁଲୁଣ୍ଡା ଏମଇ ସ୍କୁଲରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ଅତିଥିଙ୍କ ସହ ଡାକ୍ତର ଓ ଅନ୍ୟମାନେ।

# ୧୮ରୁ ସର୍ବଭାରତୀୟ ଲାଲମନି କ୍ରିକ୍‌ଫେଷ୍ଟ

ସୋନପୁର,୨୨।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସର୍ବଭାରତୀୟ ୩୬ତମ ଲାଲମନି ସ୍ମାରକୀ କ୍ରିକ୍‌ଫେଷ୍ଟ ୨୦୨୫ ଜାନୁୟାରୀ ୧୮ରୁ ଆରମ୍ଭ ହେବ। ୨୬ ତାରିଖରେ ଫାଇନାଲ ମ୍ୟାଚ୍ ରଙ୍ଗାରଙ୍ଗ ପରିବେଶରେ ଅନୁଷ୍ଠିତ ହେବ। ସୁବର୍ଣ୍ଣପୁର ଗାନ୍ଧୀ ଷ୍ଟାଡିୟମରେ ଓଡିଶାର ଏହି ସମ୍ମାନ ଜନକ କ୍ରିକେଟ୍ ଟୁର୍ନାମେଣ୍ଟ ଆୟୋଜିତ ହେବାକୁ ଯାଉଛି। ଗ୍ରୀନ୍ ଟର୍ଫ ଉଇକେଟ୍‌ରେ ମ୍ୟାଚ୍ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଜାରି ରହିଥିବା ଜିଲା କ୍ରିକେଟ୍ ସଂଘ କାର୍ଯ୍ୟାଳୟରେ ସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିପାଇଁ ଚଳିତ ବର୍ଷ ବ୍ୟୟ ଅଟକଳ ୩୫ ଲକ୍ଷ ଟଙ୍କା ରଖାଯାଇଛି। ୧୮ ତାରିଖ ସନ୍ଧ୍ୟାରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ଜିଲା କ୍ରିକେଟ୍ ସଂଘର ସଭାପତି ରାମଶଙ୍କର ସାହୁ କହିଛନ୍ତି। ଏହି ଟୁର୍ନାମେଣ୍ଟରେ ଓଡ଼ିଶାରୁ ୪ଟି ଓ ବାହାର ରାଜ୍ୟରୁ ୫ଟି ଦଳ ଭାଗ ନେବେ। ପ୍ରତ୍ୟହ ସନ୍ଧ୍ୟାରେ ରାଜ୍ୟ ତଥା ରାଜ୍ୟ ବାହାର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଉଦ୍‌ଯାପନୀ ଉତ୍ସବରେ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳାଳି, ଅଭିନେତ୍ରୀ ଅଭିନେତା ଓ ରାଜନେତା ଅତିଥି ଭାବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବ ବର୍ଷ ମାନଙ୍କ ଭଳି ମ୍ୟାଚ୍ ଗୁଡିକ ଟି/୨୦, ଟି/୧୦ ଓ ସୁପର ୨ ଓଭର ବିଶିଷ୍ଟ ଫର୍ମାଟ୍‌ରେ ହେବ। ଏହି ଖବରଦାତା ସମ୍ମିଳନୀରେ କ୍ରିକେଟ୍ ସଂଘର ସମ୍ପାଦକ ପ୍ରଦୀପ ସେଠୀ, ବି ସତ୍ୟନାରାୟଣ ରାଓ, କ୍ଷେତ୍ରବାସୀ ସାହୁ, ପାର୍ଥସାରଥି କର, ବାଙ୍କାବିହାରୀ ମହଲା, କୋଷାଧ୍ୟକ୍ଷ ଶ୍ୟାମ ସୁନ୍ଦର ପାତ୍ର, ରାଜେନ୍ଦ୍ର ମିଶ୍ର, ବି ସୁଦର୍ଶନ ପାତ୍ର, ନବକୁମାର ମିଶ୍ର, ଗିରିଗୋବର୍ଦ୍ଧନ ଥନାପତି, ସୁଧାଂଶୁ ଶେଖର ମିଶ୍ର, ବିନୋଦ ପାତ୍ର, ନାଗେଶୁ ପାତ୍ର, ସୁରଜ ପାତ୍ର, ସତ୍ୟନାରାୟଣ ମହାଲିକ ଓ ନରସିଂହ ତରିଆ ପ୍ରମୁଖ ଯୋଗଦେଇ କ୍ରିକ୍‌ଫେଷ୍ଟ ସମ୍ପର୍କରେ ସୂଚନା ଦେଇଥିଲେ।

### ରାଜ୍ୟ ଓ ରାଜ୍ୟ ବାହାରୁ ୯ ଦଳ ଅଂଶଗ୍ରହଣ କରିବେ


ଖବରଦାତା ସମ୍ମିଳନୀରେ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦିଆଯାଉଛି।

# କର୍ଣ୍ଣାଟକକୁ ହରାଇ ଛତିଶଗଡ଼ ବିଜୟୀ

ଅମରପାଲି,୨୨।୧୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁଡୁରପଙ୍କରେ ଜୟ ଜଗନ୍ନାଥ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨୮ତମ ସର୍ବ ଭାରତୀୟ ଜୟ ଜଗନ୍ନାଥ ଲୁଡୁରପଙ୍କ କ୍ରିକେଟ କପ୍‌ର ରବିବାର ଥିଲା ପ୍ରଥମ ମ୍ୟାଚ। ମ୍ୟାଚ ଗୁଲବର୍ଗା ସିଟି-୧୧ କର୍ନାଟକ ଓ କ୍ୟୁସିଆ ୱାରିଅର ଛତିଶଗଡ଼ ମଧ୍ୟରେ ହୋଇଥିଲା। ପ୍ରାରମ୍ଭରେ ବ୍ଲକ ଉପାଧକ୍ଷ ନାରାୟଣ ଲୁହା ଓ ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ଟ୍ରଫି ଉନ୍ମୋଚନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଛତିଶଗଡ଼ ଦଳ ୨-୧ରେ ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ଟି-୨୦ ଓ ଟି-୧୦ ଫର୍ମାଟରେ ହୋଇଥିଲା। ଛତିଶଗଡ ଦଳ ଟସ୍ ଜିଣି କର୍ନାଟକକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ଟି-୨୦ ମ୍ୟାଚରେ କର୍ନାଟକ ପ୍ରଥମେ ବ୍ୟାଟିଂ କରି ୧୭.୩ ଓଭରରେ ସମସ୍ତ ଉଇକେଟ ହରାଇ ୭୭ ରନ କରିଥିଲା। ଛତିଶଗଡ଼ର ହମିଦ ରାଜା ଓ ପୱନ ମହନ୍ତ ପ୍ରତ୍ୟେକ ୩ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଛତିଶଗଡ ଦଳ ଆବଶ୍ୟକ ୭୮ରନକୁ ୯ ଓଭରରେ ୩ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳର ବିବେକ ବୋରକର ୩୨ବଲରୁ ୪୭ରନ କରିଥିଲେ। କର୍ନାଟକର ସନ୍ତୋଷ ହାଚି ଓ ଶୀତଳ କୁମାର ପ୍ରତ୍ୟେକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଟି-୧୦ ଫର୍ମାଟରେ କର୍ନାଟକ ଦଳ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୮୮ ରନ କରିଥିଲା। ଦଳର ନୀତିଶ ୱାଣିକଲ ୨୨ବଲରୁ ୪୩ ରନ କରିଥିବା ବେଳେ ବିପକ୍ଷ ଛତିଶଗଡ଼ର ଶଶାଙ୍କ ତିୱାରୀ ୪ଟି ହମିଦ ରାଜା ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଛତିଶଗଡ ଦଳ ଶଶାଙ୍କ ଚାନ୍ଦ୍ରକରଙ୍କ ୧୯ ବଲରୁ ୫୧ରନ ସହାୟତାରେ ୬.୫ ଓଭରରେ ୪ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ଛତିଶଗଡ ଦଳ ମ୍ୟାଚକୁ ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଖୋଜ କୁମାର ପ୍ରଧାନ ଓ ଅବସରପ୍ରାପ୍ତ ଶିକ୍ଷକ ଉଜ୍ଜ୍ୱଳ ଚନ୍ଦ୍ର ପ୍ରଧାନ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଛତିଶଗଡର ଶଶାଙ୍କ ତିୱାରୀଙ୍କୁ ମ୍ୟାନ ଅଫ ଦି ମ୍ୟାଚଭାବେ ପୁରସ୍କୃତ କରିଥିଲେ।


ଛତିଶଗଡ଼ର ଶଶାଙ୍କ ତିୱାରୀଙ୍କୁ ମ୍ୟାନ ଅଫ ମ୍ୟାଚ ପୁରସ୍କୃତ କରାଯାଉଛି।

### ୨୮ତମ ସର୍ବଭାରତୀୟ ଲୁଡୁରପଙ୍କ କ୍ରିକେଟ କପ୍

## ସଂକ୍ଷେପରେ

### ଜିଲା ମହୋତ୍ସବ ଧୁଲ୍‌ଧୁଲି ପାଇଁ ବିଧାୟକଙ୍କ ସମୀକ୍ଷା



ସମୀକ୍ଷା ବୈଠକରେ ଉପସ୍ଥିତ ବିଧାୟକ ଏବଂ ଅନ୍ୟମାନେ।

ଝାରସୁଗୁଡ଼ା,୨୨।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲା ମହୋତ୍ସବ ଧୁଲ୍‌ଧୁଲି ପାଇଁ ଶନିବାର ପୂର୍ବାହ୍ନରେ ଜିଲା ସଂସ୍କୃତି ଭବନରେ ବିଧାୟକ ଟଙ୍କଧର ତ୍ରିପାଠୀ ସମୀକ୍ଷା କରିଥିଲେ। ସମୀକ୍ଷା ବୈଠକରେ ବିଧାୟକଙ୍କ ସହିତ ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ, ଜିଲା ସଂସ୍କୃତି ଅଧିକାରୀ ଅନିଲ କେରକେଟା, ବିମଳେନ୍ଦୁ ଭୋଲ, ପ୍ରମୋଦ ସେନାପତି, ତାପସ ରାୟ ଚୌଧୁରୀ, କୋର କମିଟି ସଭ୍ୟ ଓ କନଭେନରମାନେ ଉପସ୍ଥିତ ଥିଲେ। ବିଧାୟକ ଜିଲା ମହୋତ୍ସବରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ କିପରି ସୁନ୍ଦର ଭାବେ ହୋଇପାରିବ ତଥା ଲୋକମାନଙ୍କ ସୁରକ୍ଷା ସହିତ କାର୍ଯ୍ୟକ୍ରମ କିପରି ଆନନ୍ଦରେ ଉପଭୋଗ କରି ପାରିବେ ସେଥିପ୍ରତି ସମସ୍ତେ ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦେଇଥିଲେ। ସାରା ଜିଲାରେ କାର୍ଯ୍ୟକ୍ରମରେ ସାଧାରଣ ଜନତା ଯେପରି ଏହାର ଏକ ଅଂଶ ହୋଇ ପାରିବେ ଏହା ଉପରେ ଗୁରୁତ୍ୱ ଦେବାକୁ ବିଧାୟକ ସମୀକ୍ଷା ବୈଠକରେ କହିଥିଲେ।

### କଡ଼ାକଡ଼ି ଯାଞ୍ଚ ହେବ ଖାଦ୍ୟର ମାନ

**ଖାଦ୍ୟ ବ୍ୟବସାୟୀଙ୍କ ମଧ୍ୟରେ ଛନକା**

ବ୍ରଜରାଜନଗର,୨୨।୧୨(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ପୌରାଞ୍ଚଳର ବିଭିନ୍ନ ହୋଟେଲ, ଉଠା ଜଳଖିଆ ଦୋକାନୀଙ୍କ ଉପରେ ପୌର ପରିଷଦ ଓ ଜିଲା ଖାଦ୍ୟ ନିରୀକ୍ଷକଙ୍କ ମିଳିତ ଉଦ୍ୟମରେ ଚଢ଼ାଉ କରାଯାଇଛି। କିଛି ରେଷ୍ଟୁରାଣ୍ଟର ଲାଇସେନ୍ସ ଚେକ୍ କରାଯାଇ ସେମାନଙ୍କ ଉପରେ ଜରିମାନା ଲାଗୁ କରାଯାଇଛି। ମୁଖ୍ୟ ବଜାର ଉପରେ ଥିବା ସିନ୍ଧି ହୋଟେଲ ଫ୍ୟାମିଲି ରେଷ୍ଟୁରାଣ୍ଟ ଉପରେ ଚଢ଼ାଉ କରି ନିମ୍ନମାନର ଖାଦ୍ୟ ଓ ଅତ୍ୟଧିକ ବାସୀ ଖାଦ୍ୟ ଦେଉଥିବାରୁ ସେମାନଙ୍କ ଉପରେ ୩୦ ହଜାର ୫୦୦ ଟଙ୍କା ଜରିମାନା କରାଯାଇଥିବା ଜିଲା ଖାଦ୍ୟ ନିରୀକ୍ଷକ ସେବେ ଷ୍ଟିଏନ୍ ହୋରା ପ୍ରକାଶ କରିଛନ୍ତି। ଚଢ଼ାଉରେ ପୌର ପରିଷଦ ଟ୍ୟାକ୍ସ ଅଧିକାରୀ ପରିମଳ ଅଧିକାରୀମାନେ ସାମିଲଥିଲେ। ଆଗାମୀ ଦିନରେ ଏହି ଚଢାଉ ଜୋରଦାର୍ କରାଯିବ ବୋଲି ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ ପ୍ରକାଶ କରିଛନ୍ତି।

### କନକ ଦୁର୍ଗା ଓଡ଼ିଆ ସାଂସ୍କୃତିକ ସଂଘ ପକ୍ଷରୁ ବନ୍ଧୁ ମିଳନ

ଝାରସୁଗୁଡ଼ା,୨୨।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲା ରେଲୱେ କନକ ଦୁର୍ଗା ଓଡ଼ିଆ ସାଂସ୍କୃତିକ ସଂଘ ପକ୍ଷରୁ ବନ୍ଧୁ ମିଳନ ରବିବାର କୁଣ୍ଡୁକେଲାସ୍ଥିତ ଇବନଦୀ କୂଳରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ସଂଘ ସଭାପତି କୁମ୍ଭକର୍ଣ୍ଣ ତନ୍ତୀ କନକ ଦୁର୍ଗା ମନ୍ଦିରର ଉନ୍ନତି ସହିତ ଓଡ଼ିଆ ସଂସ୍କୃତି କିପରି ଆହୁରି ବିକାଶ କରିବ ଉପରେ ଆଲୋଚନା କରିଥିଲେ। ଏଥିପାଇଁ ସମସ୍ତେ ଏକଜୁଟ ହୋଇ ଆଗକୁ ବଢିବା ପାଇଁ ଆହ୍ୱାନ ଦେଇଥିଲେ। ଉପସଭାପତି ଅଜିତ ପାଣିଗ୍ରାହୀଙ୍କ ସହିତ ସାଧାରଣ ସମ୍ପାଦକ ସନ୍ତୋଷ ପଟ୍ଟନାୟକ, ବୁଦ୍ଧି ପ୍ରଧାନ, ରାଜେଶ ସିଂ, ଡି.ଆର. ସାହୁ, ରଞ୍ଜିତ କୁମାର ସାହୁ, ସାମାଜିକ କର୍ମୀ ପ୍ରମୋଦ ତ୍ରିପାଠୀ, ମନୋଜ ଦେହୁରୀ, ସନ୍ତୋଷ ମିଶ୍ର, କୈଳାଶ ତ୍ରିପାଠୀ, ସାଧୁ ଚରଣ ରାଉତ, ସନ୍ୟାସୀ ପାଣିଗ୍ରାହୀ, ଶଙ୍କର୍ଷଣ ନାଥ ତଥା ସଂଘର ସମସ୍ତ ସଭ୍ୟ ନିଜର ବକ୍ତବ୍ୟ ରଖିଥଲେ। ବରିଷ୍ଠ ସଦସ୍ୟ ଶଙ୍କର୍ଷଣ ନାଥ ଧନ୍ୟବାଦ ଅର୍ପଣ କରିବା ସହିତ ଆଗାମୀ ଦିନରେ ସଂଘକୁ ଆହୁରି ମଜଭୁତ କରିବା ପାଇଁ ନିବେଦନ କରିଥିଲେ।

# ୩ ପୌରପାଳିକାର ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ମନ୍ତ୍ରୀ

**ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଝାରସୁଗୁଡ଼ା ଜିଲା ଗସ୍ତ**

ଝାରସୁଗୁଡ଼ା,୨୨।୧୨(ଆଶିଷ ରଞ୍ଜନ ଦାଶ)

ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଶନିବାର ଝାରସୁଗୁଡ଼ା ଜିଲା ଗସ୍ତରେ ଆସିଥିଲେ। ଜିଲାର ୩ ପୌରପାଳିକା ଅନ୍ତର୍ଗତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଶନିବାର ଅପରାହ୍ନରେ ସ୍ଥାନୀୟ ସର୍କିଟ ହାଉସଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଓ ଜିଲାପାଳ ଅବୋଲି ସୁନିଲ ନରୱଣେଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ମନ୍ତ୍ରୀ ମହାପାତ୍ର ଜିଲାର ଝାରସୁଗୁଡ଼ା, ବ୍ରଜରାଜନଗର ଓ ବେଲପାହାଡ଼ ୩ ପୌରପାଳିକା ଅଧୀନରେ କାର୍ଯ୍ୟକାରୀ କରାଯାଉଥିବା ସହରବାସୀଙ୍କୁ ପାନୀୟ ଜଳ, ରାସ୍ତା ଓ ବିଜୁଳି ସେବା ଯୋଗାଇବା ଦିଗରେ ଯତ୍ନବାନ ପୂର୍ବକ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଝାରସୁଗୁଡ଼ା ସମେତ ରାଜ୍ୟର ୩୦ ଜିଲା ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତି ପାଇଁ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ରାଜସ୍ୱ ମନ୍ତ୍ରୀ ପୂଜାରୀ ଏବଂ ବିଧାୟକ ତ୍ରିପାଠୀ ସହରାଞ୍ଚଳରେ ଭୂମିହୀନ ଯୋଗ୍ୟ ହିତାଧିକାରୀଙ୍କ ସଂଖ୍ୟା ଅନୁପାତରେ ଜାଗା ନ ଥିବା ଦୃଷ୍ଟିରୁ ଆପାର୍ଟମେଣ୍ଟ ଭିତ୍ତିକ ବାସଗୃହ ଯୋଗାଇବା ଦିଗରେ ପଦକ୍ଷେପ ନେବାକୁ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଝାରସୁଗୁଡ଼ା ସହରରେ ଟ୍ରାଫିକ ସମସ୍ୟା ଦୃଷ୍ଟିରୁ ପୁରୁଣା ବସଷ୍ଟାଣ୍ଡରୁ ଝଣ୍ଡାଚୌକ ପର୍ଯ୍ୟନ୍ତ ସୁଗମ ଯାତାୟାତ ବ୍ୟବସ୍ଥା, 'ହର୍ ଘର୍ ନଳ' ଯୋଜନାର କାର୍ଯ୍ୟ ତ୍ୱରାନ୍ୱିତ କରାଯିବା, ଝାରସୁଗୁଡ଼ା ପୌରପାଳିକା ପ୍ରଶାସନିକ ଭବନ ପାଇଁ ବ୍ୟବସ୍ଥା, ସହରାଞ୍ଚଳରେ ସଫେଇ ବ୍ୟବସ୍ଥା ଠିକ ଭାବେ କାର୍ଯ୍ୟକାରୀ କରାଯିବା ପାଇଁ ଆଲୋଚନା କରାଯାଇଥିଲା। ବେଲପାହାଡ ଓ ବ୍ରଜରାଜନଗର ପୌରପାଳିକା ବିଭିନ୍ନ ୱାର୍ଡର ରାସ୍ତା, ପାନୀୟ ଜଳ ଯୋଗାଣ ସୁବ୍ୟବସ୍ଥିତ କରିବା ପାଇଁ ଆଲୋଚନା କରାଯାଇଥିଲା। ବେଲପାହାଡଠାରେ ଅଡିଟରିୟମ ଓ ବ୍ରଜରାଜନଗରଠାରେ ପ୍ଲାନେଟରିୟମ ନିର୍ମାଣ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ପାଇଁ ଅନୁରୋଧ କରାଯାଇଥିଲା। ଜିଲାପାଳ ୩ ପୌରପାଳିକାରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟର ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ଜିଲା ପରିଷଦ ମୁଖ୍ୟ ପ୍ରବୀର କୁମାର ନାୟକ, ୩ ପୌରପାଳିକାର ନିର୍ବାହୀ ଅଧିକାରୀ, ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।



ସମୀକ୍ଷା ବୈଠକରେ ମନ୍ତ୍ରୀ ଏବଂ ଅଧିକାରୀମାନେ ଆଲୋଚନା କରୁଛନ୍ତି।

# ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ



ପାଣି ପଞ୍ଚାୟତ ସଚେତନତା ରଥ ଉଦ୍‌ଘାଟନ କରାଯାଉଛି।

ଦେବଗଡ଼,୨୨।୧୨(ଶଶାଙ୍କ ଶେଖର ଝାଙ୍କର)

ଅଧୀକ୍ଷଣ ଯନ୍ତ୍ରୀ ବୃହତ ମଧ୍ୟମ ଜଳ ସେଚନ ବିଭାଜନ ଓ ଅଧୀକ୍ଷଣ ଯନ୍ତ୍ରୀ କ୍ଷୁଦ୍ର ଜଳସେଚନ ବିଭାଜନ ବିଭାଗ ପକ୍ଷରୁ ଜିଲାପାଳଙ୍କ ବାସ ଭବନ ସମ୍ମୁଖରୁ ଜିଲାର କୃଷକମାନଙ୍କ ପାଇଁ ପାଣି ପଞ୍ଚାୟତ ସଚେତନତା ରଥ ଜିଲାପାଳ କବୀନ୍ଦ୍ର କୁମାର ସାହୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥ ସହର, ବ୍ଲକ ଓ ସମସ୍ତ ପଞ୍ଚାୟତ ପରିକ୍ରମା କରି ସଚେତନତା ବାର୍ତ୍ତା ପ୍ରେରଣ କରିବ। ପରେ କ୍ଷୁଦ୍ର ଜଳ ସେଚନ ବିଭାଜନ ବିଭାଗ ପରିସରରେ ବିଭାଜନସ୍ତରୀୟ ପାଣିପଞ୍ଚାୟତ ପକ୍ଷପାଳନ ଦିବସ ସାଧାରଣ ସଭାରେ କ୍ଷୁଦ୍ର ଜଳ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ରଶ୍ମୀ ରେଖା ଚାଟାରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରି ଦେଇ ଯୋଗଦେଇଥିଲେ। ବରଣ୍ୟ ଅତିଥି ଭାବେ ସହକାରୀ ମତ୍ସ୍ୟ ଅଧିକାରୀ ପଙ୍କଜିନୀ କିଷାନ, ଉପ ନିର୍ଦ୍ଦେଶକ ଜିଲା ପ୍ରାଣୀ ଚିକିତ୍ସାଳୟ ରଶ୍ମି ରଞ୍ଜନ ମହାପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଅଭିଷେକ ଜେନା, ବିମଳ କୁମାର ବାରା ଅତିଥି ଭାବେ ଯୋଗଦେଇଥିଲେ। ସର୍ବପ୍ରଥମେ ଶପଥ ପାଠ କରାଇ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ପାଣି ପଞ୍ଚାୟତ ଯୋଜନା ଗଣତାନ୍ତ୍ରିକ ପଦ୍ଧତିରେ ସଫଳ ଓ ଦୀର୍ଘ ସ୍ଥାୟୀ କରିବାକୁ ଆପ୍ରାଣ ଉଦ୍ୟମ କରିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ରଚନା, ଜଣାଅଜଣା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଅର୍ଥ ରାଶି ସହ ମାନପତ୍ର ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ଓ ବ୍ଲକ୍‌ରୁ ଆସିଥିବା ଚାଷୀ ଓ ପାଣି ପଞ୍ଚାୟତ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଚିନ୍ମୟ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସାଂସ୍କୃତିକ କାର୍ଯ୍ୟକ୍ରମ




ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

ଦେବଗଡ଼,୨୨।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜଲା ସୁନାମୁଣ୍ଡାସ୍ଥିତ ଚିନ୍ମୟ ବିଦ୍ୟାଳୟଠାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବ ଦେବଗଡ଼ ଜିଲା ପୋଲିସ ଅଧୀକ୍ଷକ ଅନୀଲ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ। ଅନିମାନଙ୍କ ମଧ୍ୟରେ ବିଦ୍ୟାଳୟ ସଚିବ ପ୍ରଭୁଦତ୍ତ ମିଶ୍ର, ଚିନ୍ମୟ ମିଶନର ଆଚାର୍ଯ୍ୟା ସାମିନୀ ତାନିଷ୍ଠା ନନ୍ଦ ସରସ୍ୱତୀ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅନିତା ବାରାଲ, ଜ୍ୟୋସ୍ନାମୟୀ ଦେବୀ ଏବଂ ବିଦ୍ୟାଳୟର ସମସ୍ତ କାର୍ଯ୍ୟ ନିର୍ବାହୀ ସଦସ୍ୟ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷଣୀୟ ପରାମର୍ଶ ଦେଇଥିଲେ। ଏହି ସଭାରେ ଚିନ୍ମୟ ବିଦ୍ୟାଳୟ ପୂର୍ବତନ ଛାତ୍ର ୱାଶିଂ ଅହମ୍ମଦ ରାଜ୍ୟର ସିଭିଲ ସର୍ଭିସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାରୁ ତାଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ମାନିତ କରାଯାଇଥିଲା। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଚିତ୍ତାକର୍ଷକ ଥିଲା। ଉତ୍ସବ ଶିକ୍ଷକ ରାଜେଶ କୁମାର କୁଅଁର, ରଞ୍ଜନ କୁମାର ପ୍ରଧାନ, ନିଳାଚଳ ପ୍ରଧାନ, ପ୍ରମିଦ୍ ସାହୁ, ମୁକୁନ୍ଦ ବେହେରା ପ୍ରମୁଖଙ୍କ ସମେତ ବିଦ୍ୟାଳୟ ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। ଦଶମ ଶ୍ରେଣୀର ଛାତ୍ରୀ ପ୍ରିତିପ୍ରଜ୍ଞା ନନ୍ଦ, ମୌସୁମୀ ସାହୁଙ୍କ ସମେତ ନବମ, ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରମାନେ ମଧ୍ୟ ଅଞ୍ଜୁ କମଳ, ମେଦିନୀ ବେହେରା ଏବଂ ଜେସ୍ମିରାଣୀ ଚୌହାନଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଉଦ୍ୟୋଗ ସଚେତନତା କାର୍ଯ୍ୟକ୍ରମ

ଦେବଗଡ଼,୨୨।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଜିଲା ଅଣୁ, କ୍ଷୁଦ୍ର, ମାଧ୍ୟମ ଉଦ୍ୟୋଗର ସହାୟତା କାର୍ଯ୍ୟାଳୟ ରାଉରକେଲାର ମିଳିତ ସହଯୋଗରେ ଉଦ୍ୟୋଗ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ସହାୟକ ନିର୍ଦ୍ଦେଶକ ଏସ୍.କେ. ପତି ଓ ଜିଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ରମେଶ ଚନ୍ଦ୍ର ପଟେଲ୍ ଅତିଥି ଭାବେ ଯୋଗଦେଇ ବିଦ୍ୟାର୍ଥୀମାନଙ୍କୁ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରି ରୋଜଗାରକ୍ଷମ ହେବା ପାଇଁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡାକ୍ତର ବିଜୟ କୁମାର ମହାରଣା କାର୍ଯ୍ୟକ୍ରମ ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। କାର୍ଯ୍ୟକ୍ରମରେ କଲେଜ ଅଧ୍ୟାପକ, ଅଧ୍ୟାପିକା ଓ ବହୁ ସଂଖ୍ୟାରେ ବିଦ୍ୟାର୍ଥୀମାନେ ଯୋଗଦାନ କରିଥିଲେ।

# ଜିଲାସ୍ତରୀୟ ମନ୍ଥନ ଶିବିର

**ଧରତୀ ଆବା ଜନ ଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ**

ଦେବଗଡ଼,୨୨।୧୨(ଶଶାଙ୍କ ଶେଖର ଝାଙ୍କର)

ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଆଇଟିଡିଏ ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝିଙ୍କ ଆବାହନକ୍ରମେ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଧରତୀ ଆବା ଜନ ଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଜିଲାସ୍ତରୀୟ ମନ୍ଥନ ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରରୁ ଆସିଥିବା ପ୍ରୋଜେକ୍ଟ ଅଧିକାରୀ ପିଭିଟିଜି ବିନୟ କୁମାର ଦାସ, ଓ ଡାଟା ମ୍ୟାନେଜର ରାଜୀବ ନାଗ, ଜିଲାର ତିନ ବ୍ଲକ୍‌ର ୫୨ଟି ଆଦିବାସୀ ବହୁଳ ଗ୍ରାମଗୁଡିକରେ ଲୋକାଭିମୁଖୀ କାର୍ଯ୍ୟକ୍ରମ ଯଥା ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ, ଆୟୁଷ୍ମାନ କାର୍ଡ, ଏଲପିଜି, ବିଦ୍ୟୁତ୍‌କରଣ, ଏବଂ ଅନ୍ୟାନ୍ୟ ସରକାରୀ ସୁବିଧାଗୁଡିକୁ ୫ବର୍ଷ ବ୍ୟବଧାନରେ ପୂରଣ କରିବା ପାଇଁ କାର୍ଯ୍ୟକାରୀ ହେବା ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ ବନଖଣ୍ଡ ଅଧିକାରୀ ମଗରଧନାଜି ରାଓସୋ, ଉପ ଜିଲାପାଳ ପରକ୍ଷିତ ସାହୁ, ଜିଲା ମଙ୍ଗଳ ଅଧିକାରୀ ବିଭୁରଞ୍ଜନ ମହାନ୍ତି, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁରଥ ପ୍ରଧାନ, ଅତିରିକ୍ତ ଶିକ୍ଷା ଅଧିକାରୀ ବିନୋଦ ସିଂ, ଅତିରିକ୍ତ ଯୋଗାଣ ଅଧିକାରୀ କେଦାରନାଥ ନାଏକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ, ଅତିରିକ୍ତ ମଙ୍ଗଳ ଅଧିକାରୀ ଶିଶିର ପୋହାଣ, ପ୍ରୋଜେକ୍ଟ ମ୍ୟାନେଜର ପ୍ରତାପ ପଣ୍ଡା, ଅତିରିକ୍ତ ମଙ୍ଗଳ ଅଧିକାରୀ ଉଦ୍ଧବ ଚରଣ ବେହେରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ବିଭିନ୍ନ ବିଭାଗର ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।




ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

### ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

ଝାରସୁଗୁଡ଼ା,୨୨।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ବ୍ଲକ ଅଧୀନ ତରେଇକେଲା ସରସ୍ୱତୀ ଶିଶୁ ମନ୍ଦିରର ୧୪ତମ ବାର୍ଷିକ ଉତ୍ସବ ଶୁକ୍ରବାର ରାତିରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ଜପାମଳି ଭଇଁସାଙ୍କ ସଭାପତିତ୍ୱରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଏସ୍ଏମ୍ସି ପ୍ଲାଣ୍ଟ ଜେନେରାଲ ମ୍ୟାନେଜର ଲକ୍ଷ୍ମୀନାରାୟଣ ମିଶ୍ର ଏବଂ ମୁଖ୍ୟବକ୍ତା ଭାବେ ଯୋଗୀମାଳ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ରତ୍ନାକର ବେହେରା ଯୋଗଦେଇଥିଲେ। ସମ୍ପାଦିକା ସୁଜାତା ପାଣିଗ୍ରାହୀ ସ୍ୱାଗତ ଭାଷଣ ଏବଂ ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର କଲତା ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ସ୍ୱର୍ଣ୍ଣମୟୀ ତନ୍ତୀ ମଞ୍ଚ ପରିଚଳନା କରିଥିଲେ। ପୂର୍ବତନ ସମ୍ପାଦକ ଶାନ୍ତନୁ ପାଣଗ୍ରାହୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ସେଣ୍ଟମେରୀ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ




ବାର୍ଷିକ କ୍ରୀଡ଼ା ଉତ୍ସବରେ ବିଧାୟକ ଉଦ୍‌ବୋଧନ ଦେଉଛନ୍ତି।

ଝାରସୁଗୁଡ଼ା,୨୨।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରସ୍ଥିତ ବିଟିଏମ୍ ଛକଠାରେ ଥିବା ସେଣ୍ଟମେରୀ ସ୍କୁଲର ୨ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି, ବିମଳ ତାଣ୍ଡି ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଏବଂ ସିଷ୍ଟର ସିସିଲି ଭାଇସ ପ୍ରଭିନସିଆଲ ହାଣ୍ଡସମେଡ଼ ଅଫ ମେରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଷଷ୍ଠରୁ ଦ୍ୱାଦଶ ଶ୍ରେଣୀର ଛାତ୍ର ଛାତ୍ରୀମାନେ ଡ୍ରିଲ ଏବଂ ରଙ୍ଗାରଙ୍ଗ ନୃତ୍ୟ ମାଧ୍ୟମରେ ସମାଜ ପାଇଁ ନାରୀ ସୁରକ୍ଷା, ଦେଶପ୍ରେମର ବାର୍ତ୍ତା ଦେଇଥିଲେ। ନୂତନ ଶିକ୍ଷାନୀତିରେ କ୍ରୀଡ଼ାର ଗୁରୁତ୍ୱ ଉପରେ ମୁଖ୍ୟଅତିଥି ଆଲୋକପାତ କରିଥିଲେ। ସେଣ୍ଟମେରୀ ସ୍କୁଲର ଶିକ୍ଷାଦାନର ମାନ ଏବଂ ଶୃଙ୍ଖଳା ପାଇଁ ମୁଖ୍ୟଅତିଥି ପ୍ରଶଂସା କରି କହିଥିଲେ। ଶିକ୍ଷାକ୍ଷେତ୍ରରେ ସେଣ୍ଟମେରୀ ସ୍କୁଲ ଝାରସୁଗୁଡ଼ାରେ ଏକ ଆନ୍ଦୋଳନ। ସମ୍ମାନିତ ଅତିଥି ବିମଳ ତାଣ୍ଡି ପତାକା ଅବତରଣ କରିବା ସହିତ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପନୀ ଘୋଷଣା କରିଥିଲେ। ପ୍ରତିଯୋଗିତାରେ ବ୍ଲୁ ହାଉସ ଚାମ୍ପିୟନ ଘୋଷଣା କରାଯାଇ ଟ୍ରଫି ପ୍ରଦାନ କରାଯାଇଥିଲା। ଉତ୍ସବରେ ଝାରସୁଗୁଡା ବରିଷ୍ଠ ନାଗରିକ ସଂଘ ସଭାପତି ବାଳ ଗୋବିନ୍ଦ ମିଶ୍ର, ସନ୍ଦୀପ ଅୱସ୍ଥି, ଅନେକ ଅଭିଭାବକ ଏବଂ ପୂର୍ବତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ସଫଳତାର ସହିତ ବାର୍ଷିକ କ୍ରୀଡା ପ୍ରତିଯୋଗିତା ସମାପିତ ହୋଇଥିବାରୁ ସ୍କୁଲ ଅଧକ୍ଷା ସିଷ୍ଟର ଅମ୍ଲା ଧନ୍ୟବାଦ ଦେଇଥିଲେ।

# ଶ୍ରୀ ଅନ୍ନ ଯୋଜନାରେ ଟିଫିନ୍ ସେଣ୍ଟର୍ ଉଦ୍‌ଘାଟିତ



ମିଲେଟ ଶକ୍ତି ଟିଫିନ ସେଣ୍ଟର ଉଦ୍‌ଘାଟିତ କରାଯାଉଛି।

ଝାରସୁଗୁଡ଼ା,୨୨।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ କାର୍ଯ୍ୟାଳୟ ନିକଟରେ ଶନିବାର ଶ୍ରୀ ଅନ୍ନ ଯୋଜନାରେ କୋଲାବିରା ସେବା ଅନୁଷ୍ଠାନ ପକ୍ଷରୁ ମିଲେଟ ଶକ୍ତି ଟିଫିନ୍ ସେଣ୍ଟର ଉଦ୍‌ଘାଟନ କରାଯାଇଛି। ଲଇକେରା ବ୍ଲକ ଅଧ୍ୟକ୍ଷ ସଞ୍ଜିତ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଟିଫିନ୍ ସେଣ୍ଟର ଉଦଘାଟନ କରିଥିଲେ। ବ୍ଲକ କୃଷୀ ଅଧିକାରୀ ଦୀପ୍ତି ଭୋଇ, ଜିଲା ପ୍ରକଳ୍ପ ସଂଯୋଜକ ଟିକେଶ୍ୱର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେବା ଅନୁଷ୍ଠାନ ପକ୍ଷରୁ ବ୍ଲକ ସଂଯୋଜିକା ଦକ୍ଷଶିଳା ନାୟକ, ସହ ସଂଯୋଜକ ଅନାଦି ବୁଦୁଲା, ସିଇଓ ନିତ୍ୟାନନ୍ଦ ପ୍ରଧାନ, କୋଷାଧକ୍ଷା ଅନିତା ବାଗ, ସିତା ନାୟକ, ହେମଙ୍ଗିନୀ ରଣା, ଶ୍ରୀକାନ୍ତ କିଷାନ, ସମୀର ଦେଓ, ସରୋଜ ପ୍ରଧାନ, ଜୟକୁମାର କେନ୍ଥୁ, ଡୁଗୁ ନାଗରିଆ ଏବଂ ଓମ ସାଇଁ ରାମ ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ ସଭ୍ୟା ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ସମସ୍ତଙ୍କୁ ମାଣ୍ଡିଆ ତିଆରି ଖାଦ୍ୟ ମାଣ୍ଡିଆ ଶୁପ୍, ମାଣ୍ଡିଆ ପକୋଡ଼ି, ମାଣ୍ଡିଆ ଗୁଲାବଜାମୁନ, ମାଣ୍ଡିଆ ଜିଲେବି ଇତ୍ୟାଦି ବଣ୍ଟନ କରାଯାଇଥିଲା। ସମସ୍ତ ଅଂଶଗ୍ରହଣକାରୀ ଏବଂ ପରିଦର୍ଶକମାନଙ୍କୁ ଓଡ଼ିଶା ଶ୍ରୀ ଅନ୍ନ ଅଭିଯାନ ବିଷୟରେ ଅବଗତ କରାଯାଇଥିଲା।

# ଆତ୍ମୋତ୍ସର୍ଗ ଦିବସ ଆଗାମୀ ପିଢ଼ି ପାଇଁ ପ୍ରେରଣାର ଦିବସ ହେଉ

**ଶହୀଦ କରୁଣାକର ସିଂହ ନାଏକଙ୍କ ଆତ୍ମୋତ୍ସର୍ଗ ଦିବସ ପାଳିତ**

କୋଲାବିରା,୨୨।୧୨(ଚିନ୍ମୟ କୁମାର ବହିଦାର)

ଅଗ୍ନିତୀର୍ଥ କୋଲାବିରା ମାଟି ଭାରତୀୟ ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ପ୍ରମୁଖ ସ୍ଥାନ ଗ୍ରହଣ କରେ। ଏବର କୋଲାବିରା ମାଟି ଓ ତତ୍କାଳୀନ ଜୟପୁର ଇଷ୍ଟେଟ ଦେଶ ସ୍ୱାଧୀନତା ସଂଗ୍ରାମ ଇତିହାସରେ ଅଭୁଲା ପୃଷ୍ଠା ବୋଲି ଝାରସୁଗୁଡ଼ା ଜିଲା କୋଲାବିରା ଜଗନ୍ନାଥ ମନ୍ଦିର ସମ୍ମୁଖ ପାର୍କରେ ବୀର ସ୍ୱାଧୀନତା ସଂଗ୍ରାମୀ କରୁଣାକର ସିଂହ ନାଏକଙ୍କ ୧୬୪ତମ ଆତ୍ମୋତ୍ସର୍ଗ ଦିବସ ପାଳନ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ କହିଛନ୍ତି। ସଭା ପୂର୍ବରୁ କରୁଣାକାର ଛକସ୍ଥିତ କରୁଣାକରଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। କୋଲାବିରା ଜଗନ୍ନାଥ ମନ୍ଦିର ସମ୍ମୁଖ ପାର୍କରେ ରାଜ୍ୟ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅନୁଦାନରେ ନିର୍ମିତ ଶହୀଦ କରୁଣାକରଙ୍କ ପୂର୍ଣ୍ଣାବୟବ ମୂର୍ତ୍ତି ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଆତ୍ମୋତ୍ସର୍ଗ/ବଳିଦାନ ଦିବସର ଚର୍ଚ୍ଚା ଗୋଟିଏ ଦିନ ଭିତରେ ସୀମିତ ରଖା ନ ଯାଇ ଆଗାମୀ ଦିନ ପାଇଁ ସଂଗ୍ରାମୀମାନଙ୍କ ମାଟି ମା' ପାଇଁ ବଳିଦାନ ପିଢ଼ି ପରେ ପିଢ଼ି ଅନୁକରଣୀୟ ହେବା ଉଚିତ ବୋଲି ଅତିଥିମାନେ କହିଛନ୍ତି। ସଂଗ୍ରାମୀ ପୁରୁଷ କରୁଣାକର ବୀର ସୁରେନ୍ଦ୍ର ସାଏଙ୍କ ଘନିଷ୍ଠ ସହଯୋଗୀ ଥିଲେ ବୋଲି ଅତିଥିଗଣ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ମାନିତ ଅତିଥି ଭାବେ ହରିଜନ ଆଦିବାସୀ ଓ ପଛୁଆ ବର୍ଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କରୁଣାକରଙ୍କ ସଂଗ୍ରାମୀ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅତିଥିମାନେ ପଶ୍ଚିମ ଓଡ଼ିଶାର ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ଚାରଣ କରିଥିଲେ। ଆତ୍ମୋତ୍ସର୍ଗ ଦିବସ ଆଗାମୀ ପିଢ଼ି ପାଇଁ ପ୍ରେରଣାର ଦିବସ ହେଉ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ଅବୋଲି ସୁନିଲ ନରୱଣେ ସଭାପତିତ୍ୱ କରିଥିବା ବେଳେ ଟ୍ରଷ୍ଟ ସଭାପତି ଅମରେନ୍ଦ୍ର ସିଂହ ନାଏକ ସମ୍ମାନିତ ଅତିଥି, ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ସାମାଜିକ କର୍ମୀ ଟଙ୍କଧର ନାଏକ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ସୁନନ୍ଦ ମହାରଣା, କୀର୍ତ୍ତି ଚନ୍ଦ୍ର ବହିଦାର ଓ ସୁଶୀଳ ଦାସ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପଣ୍ଡିତ ତ୍ରୈଲୋକ୍ୟନାଥ ମହାପାତ୍ର ଧନ୍ୟବାଦ ଦେଇଥିଲେ।



ଶହୀଦ କରୁଣାକରଙ୍କ ପୂର୍ଣ୍ଣାବୟବ ମୂର୍ତ୍ତି ଉନ୍ମୋଚନ କରାଯାଉଛି।

## ସଂକ୍ଷେପରେ

### କାରଖାନାରେ ଶ୍ରମିକ ମୃତ

କୁଆଁରମୁଣ୍ଡା,୨୨।୧୨(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଲିବର୍ଟି ହାଉସ ଅଧିକୃତ ଆଧୁନିକ ମେଟାଲିକ୍ସ କାରଖାନାରେ କାର୍ଯ୍ୟରତ ଜଣେ ଶ୍ରମିକଙ୍କ ଇଏସଆଇସି ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ମୃତକ ହେଲେ ଘନଶ୍ୟାମ ଦେହୁରୀ(୫୦)। ଏହି ଘଟଣାର ଉଚ୍ଚସ୍ତରୀୟ ଅନୁଧ୍ୟାନ କରାଯିବା ପାଇଁ ମୃତ ଘନଶ୍ୟାମଙ୍କ ସ୍ତ୍ରୀ ସସ୍ମିତା ଦେହୁରୀ କୁଆଁରମୁଣ୍ଡା ଫାଣ୍ଡିରେ ରବିବାର ଲିଖିତ ଏତଲା ଦେଇଛନ୍ତି। ଏ ନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଅଭୟ ମହାପାତ୍ର ଜାରି ରଖିଛନ୍ତି। କାରଖାନାରେ ପ୍ରାଥମିକ ଚିକିତ୍ସା ଠାରୁ ଆରମ୍ଭ କରି ଡାକ୍ତରଖାନା ନେବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟରେ ବିଳମ୍ବ ଘଟିବାରୁ ଘନଶ୍ୟାମଙ୍କ ମୃତ୍ୟୁ ଘଟିଥିବା ସ୍ତ୍ରୀ ସସ୍ମିତା ଅଭିଯୋଗ କରିଛନ୍ତି। ଶ୍ରମିକଙ୍କ ମୃତ୍ୟୁକୁ ନେଇ କାରଖାନାରେ ଉତ୍ତେଜନା ଲାଗି ରହିଛି। ସୋମବାର ଉତ୍ତେଜନା ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି।

### ପୋଗ୍ରାବାହାଲରେ ଗୌଡ଼ ସମାଜ ଗଠନ

ବନ୍ଧମୁଣ୍ଡା,୨୨।୧୨(ସୁବ୍ରତ ଦେ)

ବିଶ୍ରା ବ୍ଲକ ଅଧୀନ ସନ୍ତୋଷପୁର ପଞ୍ଚାୟତର ପୋଗ୍ରାବାହାଲଠାରେ ରବିବାର ଝରିଆ ଗୌଡ଼ ସମାଜର ଲୋକଙ୍କ ଉପସ୍ଥିତିରେ ଏକ ନୂତନ ସଙ୍ଗଠନ ଆରମ୍ଭ ହୋଇଛି। ଏହି ଅବସରରେ ଏକ ବୈଠକ ଆୟୋଜିତ ହୋଇଥିଲା। ଏଥିରେ ବିଦେଶୀ ଗୌଡ଼ ସଭାପତିତ୍ୱ କରିଥିଲେ। ସମାଜର ଲୋକମାନେ କିପରିଭାବେ ନିଜର ସଂସ୍କୃତିକୁ ବଞ୍ଚାଇ ରଖି ପାରିବେ ତଥା ସମାଜର ପ୍ରତ୍ୟେକ ସଦସ୍ୟ ତଥା ଛୋଟଛୋଟ ଛୁଆ କିପରି ଭାବେ ଶିକ୍ଷିତ ହେଇ ନିଜ ସମାଜ ଏବଂ ଜାତିର ଗୌରବ ବଢାଇ ପାରିବ ସେ ସମ୍ପର୍କରେ ମଧ୍ୟ ବୈଠକରେ ଚର୍ଚ୍ଚା ହେଉଛି। ବୈଠକ ପରେ ସଙ୍ଗଠନ ଦ୍ୱାରା ଆୟୋଜିତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ସମସ୍ତେ ଭାଗ ନେଇ ଥିଲେ। ବୈଠକରେ ସଂଗଠନର ଏକ କମିଟି ମଧ୍ୟ ଗଠନ କରାଯାଇଛି। ନୂଆ କମିଟିରେ ବିଦେଶୀ ଗୌଡ଼ଙ୍କୁ ସଭାପତି, କିଶୋର ଭାଇଂଶାଙ୍କୁ ଉପସଭାପତି, ଦୁବରାଜ ରାଉତଙ୍କୁ ସମ୍ପାଦକ, ଗଣେଶ ଚନ୍ଦ୍ର ରାଉତଙ୍କୁ ସହସମ୍ପାଦକ, ଦିଲୀପ କୁମାର ଗୌଡ଼ଙ୍କୁ କୋଷାଧ୍ୟକ୍ଷ, ପଞ୍ଚାନନ ଗୌଡ଼ଙ୍କୁ ସହ କୋଷାଧକ୍ଷ ଭାବରେ ମନୋନୀତ କରାଯାଇଛି। କାର୍ଯ୍ୟକ୍ରମରେ ବିଶ୍ରା ବ୍ଲକର ଝରିଆ ଗୌଡ଼ ପରିବାରର ମହିଳା ଓ ପୁରୁଷମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

### ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

ବାଲିଶଙ୍କରା,୨୦।୧୨(ହୃଦାନନ୍ଦ ବାରିକ)

ବାଲିଶଙ୍କରା ବ୍ଲକ ବନଡେଗା ପଞ୍ଚାୟତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଣ୍ଟାବାହାଲ ଖେଳପଡ଼ିଆଠାରେ ୨ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରି ମହରାଗୀ ଲରାଙ୍ଗଙ୍କ ସଭାପତିତ୍ୱରେ ଏହି ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଥିଲା।ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ୧୩୪ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବା ବେଳେ ଏଥିରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ରୀଡା ପ୍ରତିଯୋଗିତାକୁ ବିଦ୍ୟାଳୟର ଖେଳ ଶିକ୍ଷକ ପ୍ରଦୀପ କୁମାର ଜେନା, ନିଳୀମା ଖାଲଖୋ, ସୁକାନ୍ତି ନାଏକ, ପୂର୍ଣ୍ଣିମା କିଷାନ, ପ୍ରଣତି ଟପ୍ପୋ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ।

ଯୁବଉତ୍ସବ ଲୋକକଳା, ସଂସ୍କୃତି ପାଇଁ ଉତ୍କୃଷ୍ଟ ମାଧମ

# ଜିଲାସ୍ତରୀୟ ଯୁବ ମହୋତ୍ସବ



ଯୁବ ମହୋତ୍ସବରେ ଅତିଥିଙ୍କ ସହ ପ୍ରତିଯୋଗିତାରେ ଭାଗନେଇଥିବା ପିଲାମାନେ।

ସୁନ୍ଦରଗଡ଼, ୨୨।୧୨(ଜୟ ନାରାୟଣ ମେଣ୍ଟୁଲି )

ସୁନ୍ଦରଗଡ଼ ଜିଲା ସ୍ତରୀୟ ଯୁବ ମହୋତ୍ସବ ଶନିବାର ସ୍ଥାନୀୟ ସଂସ୍କୃତି ଭବନଠାରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ରବି ନାରାୟଣ ସାହୁ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସାଂସ୍କୃତିକ ପ୍ରତିଯୋଗୀତା ସଂସ୍କୃତି ଭବନରେ ହୋଇଥିବା ବେଳେ ରଥ ନୋଡାଲ ସ୍କୁଲ୍‌ରେ ଅନ୍ୟାନ୍ୟ ପ୍ରତିଯୋଗୀତା ଗୁଡ଼ିକ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ତଥା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ଉପରେ କହିଥିଲେ। ପ୍ରତ୍ୟେକ ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀମାନେ ଚଳିତ ୨୫ ତାରିଖରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ଯୁବ ଉତ୍ସବରେ ଅଂଶ ଗ୍ରହଣ କରିବେ। ରାଜ୍ୟ ସ୍ତରରେ ପ୍ରଥମ ହୋଇଥିବା ପ୍ରତିଯୋଗୀମାନେ ଜାତୀୟ ସ୍ତରରେ ଅଂଶ ଗ୍ରହଣ କରିବେ। ଏହି ଅବସରରେ ଅତିରିକ୍ତ ଜିଲାପାଳ ସାହୁ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସାହୁ ଯୁବ ଉତ୍ସବକୁ ଲୋକକଳା ସଂସ୍କୃତି ନିମନ୍ତେ ଏକ ଉତ୍କୃଷ୍ଟ ମାଧମ ବୋଲି ଅଭିହିତ କରିବା ସହିତ ଯୁବମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ହେବ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଯୁବ ମହୋତ୍ସବରେ ବିଭିନ୍ନ ବର୍ଗରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗୀତାରେ ଜିଲାର ସମସ୍ତ ବ୍ଲକ ଏବଂ ପୌରାଞ୍ଚଳରୁ ୧୫ରୁ ୨୯ ବୟସ୍କ ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିଥିଲେ ଏବଂ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ଶେଷଦେବ ନନ୍ଦ ପରିଚାଳନା କରିଥିଲେ। ଏହି ସମସ୍ତ ପ୍ରତିଯୋଗିତାରେ ସମସ୍ତ ବ୍ଲକ୍ ଏବଂ ପୌରାଞ୍ଚଳରୁ ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିଥିଲେ। ବିଚାରକ ଭାବେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ବିଭିନ୍ନ ଅନୁଷ୍ଠାନ ସଦସ୍ୟମାନେ ଯୋଗ ଦେଇଥିଲେ।

# କୁତ୍ରାରେ ବ୍ଲକସ୍ତରୀୟ ଯତରା ମହୋତ୍ସବ



ଯାତରା ମହୋତ୍ସବରେ ଉପସ୍ଥିତ ଅତିଥିଙ୍କ ଗହଣରେ ପ୍ରତିଯୋଗୀମାନେ।

କୁତ୍ରା,୨୨।୧୨(ଦେବାଶିଷ ସାହୁ)

କୁତ୍ରା ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଗଳ କିଶୋର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ବ୍ଲକ ସ୍ତରୀୟ ଜତରା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ଏମପି ପ୍ରତିନିଧି ମହାରାଜ ମାଝୀ, ବ୍ଲକ ଅଧକ୍ଷା ଶାନ୍ତିଲତା ଲାକଡା, ଉପାଧକ୍ଷ କୌସ୍ତୁଭ ଭୂଷଣ ହୋତା, ତହସିଲଦାର ପ୍ରମୋଦ କୁମାର ବାସକେ, ଅତିରିକ୍ତ ତହସିଲଦାର ପଦ୍ମିନୀ ନାୟକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋକ ଲାକଡା, ସିଡିପିଓ ଆନା ଭାଲେରିଆ କୁଜୁର, କୁତ୍ରା ସରପଞ୍ଚ ଭୁବନ କୁଜୁରଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମସ୍ତ ପାରମ୍ପରିକ ସାଂସ୍କୃତିକ ଦଳ ଗୁଡିକ ଆଦିବାସୀ ନୃତ୍ୟ ଗୀତର ତାଳେ ତାଳେ କୁତ୍ରା ଗ୍ରାମ ପରିକ୍ରମା କରିଥିଲେ। ଏହି ଅବସରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱାଳ ବର୍ତ୍ତମାନ ସମୟରେ ପାରମ୍ପରିକ ସାଂସ୍କୃତିକ ସଂସ୍କୃତିକୁ ବଞ୍ଚାଇ ରଖିବା ସହ ଆଗକୁ ନେବାପାଇଁ ଯତରା ଉତ୍ସବର ଆୟୋଜନ ସହାୟକ ହେବ ବୋଲି କହିଥିଲେ। ପରେ ବିଭିନ୍ନ ପଞ୍ଚାୟତରୁ ଅସିଥିବା ୧୧ଟି ସାଂସ୍କୃତିକ ଦଳ ସେମାନଙ୍କ କଳା ପରିବେଷଣ କରିଥିଲେ। ଏଥିରେ ତରକେରାର ମା’ ଗାୟତ୍ରୀ ନୃତ୍ୟ ଦଳ ଶ୍ରେଷ୍ଠ ସାଂସ୍କୃତିକ ଦଳ ଭାବେ ପୁରସ୍କାର ପାଇବା ସହ ଜିଲା ଯତ୍‌ରା ଉତ୍ସବରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଥିଲେ। ପୂର୍ବରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗୀତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ କାର୍ଯ୍ୟାଳୟର କର୍ମକର୍ତ୍ତା,ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଅଙ୍ଗନୱାଡ଼ି କର୍ମୀମାନେ ଓ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

# କୃଷକ ସଶକ୍ତ ହେଲେ ବିକଶିତ ଓଡ଼ିଶା ଗଠନ ସମ୍ଭବ ହେବ



କୁଆଁରମୁଣ୍ଡାର କେଉଟେନପୋଷରେ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଉଛି।

କୁଆଁରମୁଣ୍ଡା,୨୨।୧୨
(ମହେନ୍ଦ୍ର କୁମାର ସାହୁ)

ପର୍ବତ୍ୟାଞ୍ଚଳର ଚାଷୀମାନଙ୍କୁ ସଶକ୍ତ କରିବାକୁ ହେଲେ ସେମାନଙ୍କ କୃଷି କ୍ଷେତ୍ରକୁ ଜଳସେଚନର ଆବଶ୍ୟକତା ରହିଛି। ତେଣୁ ସରକାର ପାର୍ବତୀ ଗିରି ବୃହତ ଉଠାଜଳସେଚନ ଯୋଜନାରେ ଚାଷୀମାନଙ୍କ କୃଷି କ୍ଷେତ୍ରକୁ ଜଳସେଚନର ବ୍ୟବସ୍ଥା କରିଛନ୍ତି। ପାଣି ପଞ୍ଚାୟତ ଗଠନ କରି ବୃହତ ଉଠା ଜଳସେଚନ ଜରିଆରେ ଚାଷୀ ନିଜ କୃଷି କ୍ଷେତ୍ରରେ ଭଲ ଫସଲ ଅମଳ କରିବା ପାଇଁ ରବିବାର କୁଆଁରମୁଣ୍ଡା ବ୍ଲକ କେଉଟେନପୋଷଠାରେ ଅନୁଷ୍ଠିତ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ଓ ମୁଖ୍ୟବକ୍ତାଭାବେ ମେଗା ଲିଫ୍ଟ ଡିଭିଜନ,ରାଉରକେଲାର ନିର୍ବାହୀ ଯନ୍ତ୍ରୀ ସାଲମୀ ସନ୍ତୋଷିନୀ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ ରଖିଛନ୍ତି। ଏହି ଅବସରରେ ହରିହର ସ୍କୁଲରେ ଅନୁଷ୍ଠିତ ହୋଇଥିବା ପାଣି ପଞ୍ଚାୟତ ପକ୍ଷ ପାଳନ ସମ୍ପର୍କିତ କୁଇଜ୍,ରଚନା ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ସହ ପୁରସ୍କୃତ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ କନିଷ୍ଠ ଯନ୍ତ୍ରୀ ସୁକାନ୍ତ ମହାକୁଡ,ସ୍ୱାଗତ ବିଶ୍ୱାଳ,ପିଙ୍କି ସୋରେନ ପ୍ରମୁଖ ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା,ପଦମପୁର, କାଲୋଶିହିରିଆ, ଝାରବେଡ଼ା, କଚାରୁ ଆଦି ଅଞ୍ଚଳରୁ ବହୁ ଚାଷୀ ଅଂଶ ଗ୍ରହଣ କରିଥିଲେ।

### ବନ୍ଧମୁଣ୍ଡାରେ ସାନ୍ତାଳୀ ଭାଷା ବିଜୟ ଦିବସ

ବନ୍ଧମୁଣ୍ଡା,୨୨।୧୨(ସୁବ୍ରତ ଦେ)

ବନ୍ଧମୁଣ୍ଡାର ଚମ୍ପାଗଡ଼ଠାରେ ପଣ୍ଡିତ ରଘୁନାଥ ମୁର୍ମୁ କ୍ଲବ ପକ୍ଷରୁ ରବିବାର ଏକବିଂଶତମ ସାନ୍ତାଳୀ ଭାଷା ବିଜୟ ଦିବସ ପାଳିତ ହୋଇଯାଇଛି। କ୍ଲବ ଯୁବ ସଦସ୍ୟଙ୍କ ନେତୃତ୍ୱରେ ଚମ୍ପାଗଡ଼ରୁ ତିଲକାନାଗର ଛକ ଯାଏ ଏକ ରାଲି ବାହାରିଥିଲା। ଏଥିରେ ସ୍ଥାନୀୟ ଲୋକେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସମାଜର ଲୋକମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ। ଶିକ୍ଷକ ଭୁଗଲୁ ମୁର୍ମୁ, ସାଲଖୁ ମୁର୍ମୁ, ଦଶମତ ସୋରେନ୍, ଗୁରୁଚରନ ମାରାଣ୍ଡି, ସୀତା ହାଁସଦା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଶିକ୍ଷକ ଭୁଗଲୁ ମୁର୍ମୁ କହିଛନ୍ତି, ସାନ୍ତାଳୀ ଭାଷା ପାଇଁ ଆନ୍ଦୋଳନ ଝାଡ଼ଖଣ୍ଡର ପୂର୍ବତନ ଏମପି ସଲଖାନ ମୁର୍ମୁଙ୍କ ନେତୃତ୍ୱରେ ଆରମ୍ଭ ହେଇଥିଲା। ଆନ୍ଦୋଳନ ଯୋଗୁ ଏହାକୁ ୨୨ଡିସେମ୍ବର ୨୦୦୩ରେ ଭାରତୀୟ ସମ୍ବିଧାନରେ ସାମିଲ କରାଯାଇଥିଲା। ସମ୍ବିଧାନରେ ସାନ୍ତାଳୀ ଭାଷା ସ୍ଥାନ ପାଇଥିବାରୁ ସାନ୍ତାଳି ସମ୍ପ୍ରଦାୟର ଲୋକଙ୍କୁ ସ୍ୱତନ୍ତ୍ର ପରିଚୟ ମିଳିପାରିଛି। ଏହି ଭାଷାର ସମ୍ପୂର୍ଣ୍ଣ ଉପଯୋଗ କରିବା ଉଚିତ। ସାନ୍ତାଳୀ ସମ୍ପ୍ରଦାୟରେ ଶିକ୍ଷାର ଅଭାବ ରହିଛି। ଏହାକୁ ଦୂର କରିବା ପାଇଁ ସାନ୍ତାଳୀଙ୍କୁ ଆଗକୁ ଆସିବାକୁ ପଡିବ।

# ବିଦ୍ୟାର୍ଥୀମାନେ ଭବିଷ୍ୟତରେ ସୁନାଗରିକ ହେବା ଆବଶ୍ୟକ

କୁଆଁରମୁଣ୍ଡା,୨୨।୧୨(ମହେନ୍ଦ୍ର କୁମାର ସାହୁ)

ଭଲ ପାଠ ପଢ଼ି ଭବିଷ୍ୟତରେ ଡାକ୍ତର,ଇଞ୍ଜିନିୟର କିମ୍ବା ପ୍ରଶାସନିକ ଅଧିକାରୀ ହେବା ସହ କିଭଳି ଭଲ ମଣିଷ ହୋଇ ଦେଶ ମାତୃକାର ସେବା କରିପାରିବା ସେ ଦିଗରେ ଅଭିଭାବକ ଓ ଶିକ୍ଷକମାନେ ବିଦ୍ୟାର୍ଥୀମାନଙ୍କୁ ଗଢିତୋଳିବା ଆବଶ୍ୟକ ବୋଲି ଶନିବାର କୁଆଁରମୁଣ୍ଡା ଡନବସ୍କୋ ସ୍କୁଲର ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏଥିରେ ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ ପ୍ରଧାନ,ମୁଖ୍ୟବକ୍ତା ରାଜଗାଙ୍ଗପୁର ବିଇଓ ସରିତା ସୋରନିଆ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। କେବଳ ସେତିକି ନୁହେଁ ମତାପିତାମାନେ ଛୋଟ ପିଲାମାନଙ୍କୁ ମୋବାଇଲ ଫୋନ ବ୍ୟବହାର ଠାରୁ ଦୂରେଇ ରହିବା ପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲର ପ୍ରଧାନ ଶିକ୍ଷକ ରେଭରେଣ୍ଡ ଫାଦର ଭାଲେରିଆନ ଟପ୍ପୋ,ଇଂଲିଶ ସ୍କୁଲର ଅଧକ୍ଷ ରେଭରେଣ୍ଡ ଫାଦର ସମୀର ତିର୍କୀ, ବିମଲ୍ ଟପ୍ପୋ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ନୃତ୍ୟ,ଗୀତ ପରିବେଷଣ କରାଯାଇଥିଲା। ଏଥିରେ ବହୁ ସଂଖ୍ୟାରେ ଅଭିଭାବକ ଅଂଶ ଗ୍ରହଣ କରିଥିଲେ। ବାର୍ଷିକୋତ୍ସବ କାର୍ଯ୍ୟକ୍ରମକୁ ଉପଭୋଗ କରିବା ସହ କୁଡ଼ିଆରେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମ ଓ ତାଙ୍କର ଇଷ୍ଟ ପ୍ରାପ୍ତି ଇତ୍ୟାଦି ବିଷୟରେ ନିର୍ମାଣ କରାଯାଇଥିବା କଳାକୃତିକୁ ଅଭିଭାବକମାନେ ବୁଲି ଦେଖିବାର ସୁଯୋଗ ପାଇଥିଲେ।

# ବନ ସେବା ସଂଘର ସାଧାରଣ ବାର୍ଷିକ ଅଧିବେଶନ

ବଡ଼ଗାଁ,୨୨।୧୨( ଅଶୋକ ଷଡ଼ଙ୍ଗୀ)

ବଡ଼ଗାଁ ସ୍ଥିତ କେନ୍ଦୁ ପତ୍ର କାର୍ଯ୍ୟାଳୟ ପରିସରରେ ରବିବାର ରାଉରକେଲା ବନଖଣ୍ଡର ଓଡ଼ିଶା ଅଣ ଗେଜେଟେଡ ବନ ସେବା ସଂଘର ସାଧାରଣ ବାର୍ଷିକ ଅଧିବେଶନ ଜୋନ କୋଷାଧ୍ୟକ୍ଷ ଅକ୍ଷୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ ଅଧିବେଶନରେ ରାଉରକେଲା କେନ୍ଦୁପତ୍ର ବନ ଖଣ୍ଡର ସଭାପତି ଦେବାଶିଷ ବିନ୍ଧାଣି, ଉପ ସଭାପତି ପୂଜାରାଣୀ ଯୌତିଷ, ସମ୍ପାଦକ ଜ୍ୟୋତି ରଞ୍ଜନ ଭୁକ୍ତା, ଅତିରିକ୍ତ ସମ୍ପାଦକ ସଂଯୁକ୍ତା ମହନ୍ତଙ୍କ ଉପସ୍ଥିତିରେ ସମସ୍ତ ସଭ୍ୟାସଭ୍ୟଙ୍କୁ ନେଇ ସଭା ହୋଇଥିଲା। ଏଥିରେ ବଡ଼ଗାଁ କେନ୍ଦୁପତ୍ର ଡେପୁଟି ରେଞ୍ଜର ଅମିତ କୁମାର୍ ମହାନ୍ତି, ଉଜ୍ଜଳପୁର ରେଞ୍ଜର ଡେପୁଟି ରେଞ୍ଜର ଦେବାନନ୍ଦ ପ୍ରଧାନ, ଫରେଷ୍ଟର ଜୟନ୍ତ କୁମାର ନାଏକ, ମୋନିକା ପାନ୍ନା, ଭବାନୀ ଦାସ, ମଧୁସୂଦନ ବଞ୍ଚୂର୍ , ଗାର୍ଡ ନିର୍ମଳ କୁମାର୍ ଭୂୟାଁ, ହର ସାହୁ, ଯୋଗେଶ ପ୍ରତାପ ସିଂ, ଜଗଦୀଶ ମହନ୍ତ ପ୍ରମୁଖ କର୍ମକର୍ତ୍ତା ଓ ସଂଘର ସଭ୍ୟାସଭ୍ୟମାନେ ଯୋଗଦେଇ ଥିଲେ। କର୍ମଚାରୀଙ୍କ ଗ୍ରୁପ ବୀମା, ମାସିକ ଯାନ ବାବଦ ତେଲ ଖର୍ଚ୍ଚ ବୃଦ୍ଧି, ୟୁନିଫର୍ମ ବାବଦ ଅର୍ଥ ବ୍ୟବସ୍ଥା, ସଫେଇ ପାଇଁ ଅର୍ଥ ବ୍ୟବସ୍ଥା, ଦରମା ବୃଦ୍ଧି ଓ ବିଭାଗୀୟ ପରିଚୟ ପତ୍ର ପ୍ରଦାନ ଉପରେ ଆଲୋଚନା ପରେ କର୍ମଚାରୀମାନେ ଦାବି କରିଥିଲେ। ସଭାରେ ସର୍ବ ସମ୍ମତି କ୍ରମେ ଫକିର ମୋହନ ବାର୍ଲାଙ୍କୁ କୋଷାଧକ୍ଷ ଭାବେ ଚୟନ କରାଯାଇଥିଲା।

# ପ୍ରଜ୍ଞା ପୁରୁଷ ରବିନାରାୟଣଙ୍କ ଶ୍ରାଦ୍ଧଦିବସ

ସୁନ୍ଦରଗଡ,୨୨।୧୨
(ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ ଜିଲା ହେମଗିରି ବ୍ଲକ ଗଡତୁମୁଲିଆ ସ୍ଥିତ ମାଣିକେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ମାଣିକେଶ୍ୱରୀ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ସ୍ୱର୍ଗତ ରବିନାରାୟଣ ଶତପଥୀଙ୍କ ୨୬ତମ ଶ୍ରାଦ୍ଧ ବାର୍ଷିକୀ ଶନିବାର ପାଳିତ ହୋଇଯାଇଛି। ଧନେଶ୍ୱର ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ଅମୁଲ୍ୟ କୁମାର ପ୍ରଧାନ ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ପ୍ରଫେସର ସନ୍ତୋଷ ତ୍ରିପାଠୀ ଶିକ୍ଷା ସହିତ ଚରିତ୍ର ନିର୍ମାଣ ହିଁ ଶତପଥୀଙ୍କୁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ତାଙ୍କ ଉଦ୍‌ବୋଧନରେ କହିଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ପ୍ରଫେସର ନିମାଇଁ ଜେନା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା,କରୁଣାକର ପଟେଲ,କପିଳେଶ୍ୱର ଦାସ, ଶେଷବତୀ ପ୍ରଧାନ, ଉଦିତ ସେଠ, ନବୀନ ବାଗ ପ୍ରମୁଖ ସ୍ୱର୍ଗତ ଶତପଥୀଙ୍କ ବହୁମୁଖି ପ୍ରତିଭା ଉପରେ ବକ୍ତବ୍ୟ ରଖିଥିଲେ। ଯୁକ୍ତ ୨ ଅଧକ୍ଷ ଭାଗିରଥି ତ୍ରିପାଠୀ ଏବଂ ଯୁକ୍ତ ୩ ଅଧକ୍ଷ ସୁରଜ ପଟେଲ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ରବିନାରାୟଣ ଶୈକ୍ଷିକ ନ୍ୟାସ ତରଫରୁ ଗରିବ ମେଧାବୀ ଛାତ୍ରୀଛାତ୍ର ମାନଙ୍କୁ ଏକ ଲକ୍ଷ ପାଞ୍ଚ ହଜାର ଟଙ୍କା ଛାତ୍ର ବୃତ୍ତି ପ୍ରଦାନ କରାଯାଇଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ସରୋଜ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷକ ସହଦେବ ମହାକୁଡ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଗଙ୍ଗାଧର ବାରିକ, ଅକ୍ଷୟ ସାହୁ, ନିନା ତ୍ରିପାଠୀ, ବୀଣା ପଟେଲ, ରାଜେନ୍ଦ୍ର ସା, ନରେନ୍ଦ୍ର ପଟେଲ, ଗଣେଶ ମେହେର, ଜିତେନ୍ଦ୍ର ମହାପାତ୍ର, ନାରାୟଣ ପଟେଲ,ଦୁର୍ଜନ ପଟେଲ,ଯଜ୍ଞ ପଟେଲ,ରଞ୍ଜନ ଚୌଧୁରୀ ,ଗଣେଶ ପଟେଲ,ସଞ୍ଜୀବ ନାୟକ ପ୍ରମୁଖ ସଭାକୁ ସାଫଲ୍ୟମଣ୍ଡିତ କରିବାରେ ସକ୍ରିୟ ଭୂମିକା ନିର୍ବାହ କରିଥିଲେ।

# ଛାତ୍ରୀଛାତ୍ରଙ୍କ ପ୍ରତିଭା ବିକାଶ ଦିଗରେ ଅଭିଭାବକ, ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ସୁନ୍ଦରଗଡ,୨୨।୧୨
(ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ଼ ପବ୍ଲିକ ସ୍କୁଲର ଦ୍ୱିଦିବସୀୟ ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ ଓ ଚିତ୍ର କଳା ପ୍ରଦର୍ଶନୀର ଉଦଯାପନୀ କାର୍ଯ୍ୟକ୍ରମ ଶନିବାର ଆୟୋଜିତ ହୋଇଯାଇଛି। ଏହି ସମାରୋହରେ ସୁନ୍ଦରଗଡ଼ ଏମପି ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଥିବା ପ୍ରତିଭାର ବିକାଶ ଦିଗରେ ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ବାଚସ୍ପତି ତଥା ମନ୍ତ୍ରୀ କିଶୋର ଚନ୍ଦ୍ର ପଟେଲ, ପୂର୍ବତନ ବିଧାୟିକା କୁସୁମ ଟେଟେ, ଦିଲ୍ଲୀପ ପଟେଲ, ଯଶୋବନ୍ତ ନାଏକ, ବରିଷ୍ଠ ଆଇନଜୀବୀ ନିମାଇଁ ଚରଣ ନାଏକ, ବେଣୁ ମାଧବ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ଅଧକ୍ଷା ହରିପ୍ରିୟା ପଟେଲ ବିବରଣୀପାଠ କରିଥିଲେ।

ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ ବିଦ୍ୟାଳୟର ଉତ୍ତୋରତ୍ତର ଉନ୍ନତି କାମନା କରିବା ସହିତ ଛାତ୍ରୀଛାତ୍ରମାନଙ୍କୁ ଭଲ ମଣିଷ ହେବା ପାଇଁ ଉପଦେଶ ଦେଇଥିଲେ। କେନ୍ଦ୍ର ମନ୍ତ୍ରୀ ଓରାମ ବିଦ୍ୟାଳୟକୁ ଅନେକ ପ୍ରଶଂସା କରିବା ସହିତ ବିଦ୍ୟାଳୟର ସୁବିଧା ଅସୁବିଧାକୁ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବିଦ୍ୟାଳୟ ପକ୍ଷରୁ ମୁଖ୍ୟ ଅତିଥିଙ୍କୁ ଉପଢୌକନ,ସ୍ମୃତି ଚିହ୍ନ ପ୍ରଦାନ କରାଯାଇଥିଲା। ଟ୍ରଷ୍ଟି ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ଶିକ୍ଷୟତ୍ରୀ ପ୍ରିୟଙ୍କା ଜେନା ସଭା ପରିଚାଳନା କରିଥିଲେ। ୫୦୦ରୁ ଉର୍ଦ୍ଧ୍ୱ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରା ଯାଇଥିଲା। ଶିକ୍ଷୟିତ୍ରୀ ମାଇକେଲା ଖାଲ୍ କୋ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ଦେବାଶିଷ ଦାସ, ଅଶୋକ ପରିଡ଼ା, ରାଜ ଲକ୍ଷ୍ମୀ ନାଏକ ,ସସ୍ମିତା ସାହୁ,ରଞ୍ଜନ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମଙ୍କ ସହ ଅନ୍ୟାନ୍ୟ।

# ସ୍ପୋର୍ଟ୍ସ ହଷ୍ଟେଲ କଟକ ଚାମ୍ପିୟନ

## ବଣ୍ଣୁଧର ନାଏକ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଉଦଯାପିତ

ଟେନସା,୨୨।୧୨
(ସମୀର କୁମାର ପାଢ଼ୀ)

ଏକତା ଫାଉଣ୍ଡେଶନ ଟ୍ରଷ୍ଟ କୋଇଡା ଆନୁକୂଲ୍ୟରେ ରୌପ୍ୟ ଜୟନ୍ତୀ ସହ ୨୫ତମ ସର୍ବ ଭାରତୀୟ ବେଣୁଧର ନାଏକ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ସୁନ୍ଦରଗଡ଼ ଜିଲା କୋଇଡା ନୂତନ ମିନି ଷ୍ଟାଡିୟମଠାରେ ଉଦ୍‌ଯାପିତ ହୋଇଯାଇଛି। ୪ଦିନ ଧରି ଚାଲିଥିବା ଏହି ଟୁର୍ନାମେଣ୍ଟରେ ଭାରତର ବିଭିନ୍ନ ରାଜ୍ୟରୁ ନାମି ତାରକାଙ୍କ ସହ ୮ଟି ଟିମ ଅଂଶ ଗ୍ରହଣ କରିଥିଲେ। ରବିବାର ସ୍ପୋର୍ଟ୍ସ ହଷ୍ଟେଲ କଟକ୍ ବନାମ୍ ରାଉରକେଲା ରେଡ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚରେ ୩–୨ ବ୍ୟବଧାନରେ ଗୋଲ୍ ମାରି ସ୍ପୋର୍ଟ୍ସ ହଷ୍ଟେଲ କଟକ୍ ଚଳିତବର୍ଷ ଚାମ୍ପିୟନ ହୋଇଥିଲା। ଏଥିସହ ଜେଏସଏସପିଏସ୍ ରାଞ୍ଚି ଦଳ ଓ ନିତା ଫୁଟବଲ୍ ଏକାଡେମୀ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିବା ମହିଳା ପ୍ରଦର୍ଶନୀ ମ୍ୟାଚରେ ଜେଏସଏସପିଏସ୍ ରାଞ୍ଚି ଦଳ ୧–୦ ଗୋଲ୍‌ରେ ବିଜୟଲାଭ କରିଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ତଥା ଅନ୍ୟ ଅତିଥି ମଧ୍ୟରେ କୋଇଡା ତହସିଲଦାର ଅନିଲ କୁମାର ଆଚାର୍ଯ୍ୟ, କୋଇଡା ଥାନା ଅଧିକାରୀ ମନୋରଞ୍ଜନ କୁମ୍ଭାର, ବିଶିଷ୍ଟ ସମାଜସେବୀ କୁଶ ଆପଟ, ସରପଞ୍ଚ ହୃଷିକେଶ ଦେହୁରୀ, ସୁନ୍ଦରଗଡ ଓ କୋଇଡା ୟୁନିୟନ୍ ଅଫ୍ ଜର୍ଣ୍ଣାଲିଷ୍ଟ ସଭାପତି ସଞ୍ଜୀବ ମହାପାତ୍ର, ସଂଗ୍ରାମ କେଶରୀ ନାୟକ, ବରିଷ୍ଠ ନାଗରିକ ପ୍ରଫୁଲ୍ଲ କୁମାର ଜେନା, ମାଇକୁଲାଲ୍ ଜୟସ୍ୱାଲ, ଅବଦୁଲ ବାରି ପ୍ରମୁଖ ଯୋଗଦେଇ ଚାମ୍ପିୟନ୍ ଦଳକୁ ୧ ଲକ୍ଷ ନଗଦ ସହ ଟ୍ରଫି, ରନର୍ସପ ଦଳକୁ ୭୦ ହଜାର ନଗଦ ସହ ଟ୍ରଫି , ମହିଳା ଦଳକୁ ଟ୍ରଫି ସହ ପୁରସ୍କୃତ କରିଥିଲେ। ଖଣି ଅଞ୍ଚଳରେ ଫୁଟବଲ୍‌ର ଚାହିଦା ଦେଖି ଅଞ୍ଚଳର ଖେଳାଳି ଓ କୋଇଡା ଷ୍ଟାଡିୟମର ଅତ୍ୟଧିକ ବିକାଶ କରିବା ନେଇ ମୁଖ୍ୟ ଅତିଥି ପ୍ରତିଶ୍ରୁତି ଦେଇଥିଲେ। ଏକତା ଫାଉଣ୍ଡେଶନ ଟ୍ରଷ୍ଟ କୋଇଡା ସଭାପତି ମନୋଜ କୁମାର ମାହାନା, ସମ୍ପାଦକ ସନ୍ତୋଷ କୁମାର ବେହେରା, ଉପ ସଭାପତି ତଥା ଜିଲା ପରିଷଦ ସଦସ୍ୟ ଅଶୋକ କୁମାର ନାଏକ, ଯୁଗ୍ମ ସମ୍ପାଦକ ବିଜୟନନ୍ଦ ଜେନା, କୋଷାଧ୍ୟକ୍ଷ ଦେବବ୍ରତ ରାଉତ, ଧୀରଜ ଗୁପ୍ତା, ସସ୍ମିତ ଜେନା, ବିନୋଦ ଫତକାର, ରବି ରଣା ଓ ଅନ୍ୟାନ୍ୟ ସଦସ୍ୟମାନେ ଟର୍ନାମେଣ୍ଟ ଆୟୋଜନ ଓ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ମ୍ୟାଚ୍ କମିଶନର ଭାସ୍କର ନନ୍ଦଙ୍କ ନିର୍ଦ୍ଦେଶନାରେ ଫାଓ ରେଫରୀ ରାଜେଶ ଭୈଁସା , ସାମୁ ହାନ୍ସଦା, ଠାକୁରା ମୁର୍ମୁ , ଥାବିରା ଗାରୁପ ସମସ୍ତ ମ୍ୟାଚ୍ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

